Vol.-I, Issue No. -4
16-30 April, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ

## The Odisha Sanket




ପୁନମଙ୍କ ହାତରେ ବହୁ ସିନେମା

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code- ODIODI08118

# ଓଲଟା ଚଷମା

# ଆସ ଶୋଇକି ଚାଲିବା



ଭୁବନେଶ୍ୱର : କିମ୍ବଦନ୍ତୀ ପୁରୁଷ, ସ୍ୱାଧୀନତା ସଂଗ୍ରାମୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କହିଥିଲେ 'ମିଶୁ ମୋର ଦେହ ଏଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ, ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼'। ଆଉ ଜଣେ ଓଡ଼ିଆ ବରପୁତ୍ର ତଥା ବିଶ୍ୱର ମହାନସନ୍ଥ ଭୀମଭୋଇ କହିଥିଲେ ' ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ମାନବ ସମାଜ ପାଇଁ କି ପ୍ରେମ ଏମାନଙ୍କର ! କି ସ୍ୱାର୍ଥ ତ୍ୟାଗର ନିଦର୍ଶନ ! ଏମାନେ ମାନବୀୟ ଚେତନାର ଉର୍ଦ୍ଧ୍ୱକୁ ଉଠିପାରିଥିଲେ ଏବଂ ଜାଣିଥିଲେ ଯେ, ବ୍ୟକ୍ତି ଓ ସମାଜ ପରିପୂରକ ହୋଇଥିବାରୁ ସମାଜର ଉନ୍ନତି ତଥା ଆଗକୁ ବଢ଼ିବା ପାଇଁ ବ୍ୟକ୍ତିକୁ ତ୍ୟାଗ କରିବାକୁ ପଡ଼ିବ। ଏମାନଙ୍କ କଥା ଆମେ କେତେଦୂର ଶୁଣିଲେ ତାହା ଗବେଷଣାର ବିଷୟ। ସେହିପରି ଉତ୍କଳ ଗୌରବ ଓଡ଼ିଶାର ସୁପୁତ୍ର ମଧୁବାବୁ କହିଥିଲେ 'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେଦିନେ...'। ଓଡ଼ିଆ ଲୋକେ ତାଙ୍କୁ କଲିକତାରୁ ଆଇନ ବ୍ୟବସାୟ ଛାଡ଼ି ଓଡ଼ିଶାକୁ ଡାକିଆଣିଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାକୁ। କିନ୍ତୁ କିଛିଦିନ ପରେ ବୋଧହୁଏ ମଧୁବାବୁ ଅନୁଭବ କଲେ ଯେ, ତାଙ୍କୁ ଡାକି ଆଣିଥିବା ଓଡ଼ିଆ ଲୋକେ ସିରିୟସ୍ ନୁହେଁ। ସେମାନେ ଗଣଚେତନାର ଉର୍ଦ୍ଧ୍ୱକୁ ନଯାଇ ଶୋଇ ପଡ଼ିଛନ୍ତି। ତେଣୁ ମଧୁବାବୁ ଓଡ଼ିଆ ଲୋକ ଓ ନେତାମାନଙ୍କୁ ଉଠାଇବାକୁ ଚେଷ୍ଟାକଲେ। ସେ ଏଥିରେ ସଫଳ ହେଲେ କି ବିଫଳ ହେଲେ ତାହା ଆଉ ଲେଖିନାହାନ୍ତି। କିନ୍ତୁ ଶେଷରେ ତାଙ୍କର ଜୋତା କାରଖାନା ପରୀକ୍ଷା ବିଫଳ ହେବା ସୂଚନା ଦେଲା ଯେ, ଓଡ଼ିଆ ଜାତି ଶୋଇଛନ୍ତି।

କେବଳ ଓଡ଼ିଆମାନେ ଶୋଇଛନ୍ତି ଏବଂ ଅନ୍ୟ ରାଜ୍ୟ ବା ଅନ୍ୟ ଦେଶର ଲୋକ ଉଠିଛନ୍ତି ଏକଥା କହିହେବ ନାହିଁ। ଦେଶର ଆଗଧାଡ଼ିର ଲୋକେ ବିଲାତରେ ନରହି ଓ ବ୍ରିଟିଶ ପ୍ରଶାସନ ତଥା ମିଲିଟାରୀକୁ ସହଯୋଗ ନକରିଥିଲେ ମହାତ୍ମାଗାନ୍ଧୀ ଆସିବା ପୂର୍ବରୁ ଦେଶ ସ୍ୱାଧୀନ ହୋଇଥାନ୍ତା। ମହାତ୍ମାଗାନ୍ଧୀ ମଧ ବାରମ୍ବାର ଲୋକଙ୍କୁ ଚେତନା ଦେବା ସତ୍ତ୍ୱେ ସେହି ପରିମାଣର ସହଯୋଗ ନପାଇବା ଯୋଗୁ ସ୍ୱାଧୀନତା ଅନ୍ଦୋଳନ ଅନେକ ସମୟ ନେଲା ଏବଂ ବିଶ୍ୱଯୁଦ୍ଧ ନହୋଇଥିଲେ ସ୍ୱାଧୀନତା ପାଇବା ଆହୁରି ବିଳମ୍ବ ହୋଇଥାନ୍ତା ବୋଲି କେତେକ ଐତିହାସିକ ମତ ଦିଅନ୍ତି।

ସେହିପରି ବିଶ୍ୱରେ ଲୋକେ ଶୋଇଛନ୍ତି କି ଚାହିଁଛନ୍ତି ତାହା ବିସ୍ମୟଜନକ। ରୁଷିଆ-ୟୁକ୍ରେନ ଯୁଦ୍ଧ ପ୍ରାୟ ଦୁଇମାସ ପୂରିବାକୁ ହେଲାଣି। ପ୍ରତିଦିନ ଗଣମାଧ୍ୟମରେ ୟୁକ୍ରେନ ଲୋକେ ଦେଶ ଛାଡ଼ିବା ବା ମୃତ୍ୟୁବରଣ କରିବାର ଖବର ପ୍ରସାରଣ ହେବାରେ ଲାଗିଛି। ବିଶ୍ୱର ଲୋକେ ନିରବ ଭାବେ ଏହାକୁ ଦେଖୁଛନ୍ତି। ଏହିପରି ଭାବରେ ବିଶ୍ୱର ଲୋକେ ଇରାକ ଉପରେ ଆମେରିକାର ଆକ୍ରମଣକୁ ଦେଖୁଥିଲେ, ଆଫଗାନିସ୍ତାନରେ ଆମେରିକୀୟ ସୈନ୍ୟର ପଳାୟନ ପରେ ଜନସାଧାରଣଙ୍କର ଦୟନୀୟ ଅବସ୍ଥା ଦେଖିଲେ, ଶ୍ରୀଲଙ୍କାରେ ଲୋକଙ୍କର ଅବସ୍ଥା ମଧ ଦେଖୁଛନ୍ତି। ତେବେ ପ୍ରତ୍ୟେକ ଦେଶର ଲୋକେ ପ୍ରତିଦିନ ସାଧାରଣ ଜୀବନଯାପନ କରିବାରେ ବ୍ୟସ୍ତ ରହୁଛନ୍ତି। ଯେହେତୁ ସେମାନଙ୍କର କିଛି ହୋଇନାହିଁ ତେଣୁ ଅନ୍ୟ ଦେଶରେ କିଛି ହେଲେ ସେମାନେ କାହିଁକି ବ୍ୟସ୍ତ ହେବେ। ତେଣୁ ବିଶ୍ୱର ଲୋକଙ୍କୁ ଶୋଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ମଣିଷ ସମାଜର ପ୍ରତିଦିନର ଅବକ୍ଷୟ ଏମାନଙ୍କୁ ଦୋହଲାଇପାରୁନାହିଁ।

ବ୍ୟକ୍ତିର ଚେତନା କ'ଣ ? ବିଭିନ୍ନ ମନସ୍ତତ୍ତ୍ୱବିତ୍ ଏହାକୁ ଭିନ୍ନଭିନ୍ନ ଭାବେ ବର୍ଣ୍ଣନା କରିଛନ୍ତି। ସାଧାରଣତଃ ଦେଖିଲେ ପ୍ରତ୍ୟେକ ମଣିଷ ତା'ର ନିଜର ଓ ତା' ପରିବାରର ଭରଣପୋଷଣ, ସାମାଜିକ ବିକାଶ, ଭବିଷ୍ୟତ ପାଇଁ ସଂଚୟ, ବଂଶବୃଦ୍ଧି, ବଂଶର ବିକାଶ, ସୁରକ୍ଷା ଇତ୍ୟାଦି କାର୍ଯ୍ୟରେ ମନ ଦେଇଥାଏ। ମୁଖ୍ୟତଃ ଆର୍ଥିକ ଓ ପରିବାରର ସାମାଜିକ କ୍ଷେତ୍ରରେ ସେ ନିମଗ୍ନ ଥାଏ। ଧର୍ମ ଚେତନା ପାଇଁ ଧର୍ମଗୁରୁମାନେ ବ୍ୟକ୍ତିକୁ ସର୍ବଦା ଶୋଇନରହି ଜାଗ୍ରତ ହେବା ପାଇଁ କହିଥାନ୍ତି। କିନ୍ତୁ ବ୍ୟକ୍ତି ପୂଜାପୂଜି ଏବଂ କିଛି ଧାର୍ମିକ ରୀତିନୀତି କରିଦେଇ ଭଗବାନଙ୍କ ସାନିଧ ପାଇଁ ଉପରଚେତନାକୁ ଉଠିପାରେନାହିଁ। ଫଳରେ ଆଜି ଭାରତ ଭଳି ବହୁ ଧର୍ମାବଲମ୍ବୀ ଦେଶରେ ଆମେ ଲାଉଡ୍ ସ୍ପିକର ଓ ଧାର୍ମିକ ଶୋଭାଯାତ୍ରାକୁ ନେଇ ବିତର୍କରେ ବ୍ୟସ୍ତ। ମୋଟାମୋଟି ଭାବେ ଦେଖିଲେ ଧର୍ମଗୁରୁମାନେ ବ୍ୟକ୍ତି ଧାର୍ମିକ କ୍ଷେତ୍ରରେ ଶୋଇଛି ବୋଲି ପରିପ୍ରକାଶ କରିଥାନ୍ତି।

ଅନ୍ୟଏକ ଚେତନା କ୍ଷେତ୍ର ହେଲା ସାମାଜିକ କ୍ଷେତ୍ର। କିନ୍ତୁ ଆଜିକାଲିର ବ୍ୟକ୍ତି ନିଜ, ନିଜ ପରିବାର ଓ ନିଜ କର୍ମକ୍ଷେତ୍ର ମଧ୍ୟରେ ସଂପର୍କ ସୀମିତ କରିବାକୁ ଚାହୁଁଛି। ତା'ର ବୃହତ୍ ପରିବାର ଓ ଗ୍ରାମ ସହିତ ସେ ସଂପର୍କ ରଖିବାକୁ ଚାହୁଁନାହିଁ। ବଡ଼ ବଡ଼ ଲୋକେ ତାଙ୍କ ପିଲାଙ୍କୁ ବିଦେଶରେ ଚାକିରି କରିବାକୁ ପଠେଇଦେବା ଯୋଗୁ ସେମାନେ ସେଠି କି ନିଜ ଦେଶରେ ସାମାଜିକ ସଂପର୍କଶୂନ୍ୟ ହୋଇ ଘୂରି ବୁଲୁଛନ୍ତି। ଏହା ଉପରକୁ ଦେଖିଲେ ବ୍ୟକ୍ତିଟି ନିଜ ଜାତିର ଲୋକ, ଭାଷାଭାଷୀ ଲୋକ, ରାଜ୍ୟର ଲୋକ, ଦେଶର ଲୋକ ଓ ବିଶ୍ୱର ମଣିଷ ସମାଜ ସହିତ ସଂପର୍କିତ ହେବା ଅସମ୍ଭବ ହୋଇପଡ଼ିଛି। ସେହିପରି ରାଷ୍ଟ୍ରଚେତନା ମଧ ଅନ୍ୟଏକ କ୍ଷେତ୍ର। ଅଧିକାଂଶ ନାଗରିକ ରାଷ୍ଟ୍ର ଚେତନା ସହିତ ଯୋଡ଼ିହୋଇ ପାରୁନାହାନ୍ତି। ତେଣୁ ଦେଶରେ ଧନୀ-ଗରିବ ତାରତମ୍ୟ ବୃଦ୍ଧି ହେଉଛି। ଅନୀତି, ଦୁର୍ନୀତି ବେଶୀ ବୃଦ୍ଧି ହେଉଛି।

ଏଥର ପୁଣିଥରେ ଶୋଇଛି ନା ଚାହିଁଛି ସେ ଆଲୋଚନାକୁ ଫେରିବା। ଲୋକମାନେ ପ୍ରତିଦିନ ନିଜର ଉନ୍ନତ ଜୀବନଯାପନରେ ଲାଗିଛନ୍ତି। ତେଣୁ ସେମାନେ ଗତିଶୀଳ। କେବଳ ସେମାନେ ସାମାଜିକ ଚେତନା ଦୃଷ୍ଟିରୁ ନିଦ୍ରାରେ ଅଛନ୍ତି ବୋଲି କୁହାଯାଇପାରେ। ତେବେ ସେମାନେ ଅସହାୟ ହୋଇ ଶୋଇଛନ୍ତି ନା ଜାଣିଶୁଣି ଶୋଇଛନ୍ତି ତାହା ବିତର୍କର ବିଷୟ।

ଗତ କିଛିଦିନ ତଳେ ପ୍ରଧାନମନ୍ତ୍ରୀଙ୍କୁ କିଛି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କହିଲେ ଯେ, ମାଗଣା ବଂଟନ କାର୍ଯ୍ୟକ୍ରମ ଯୋଗୁ ଦେଶ ନଷ୍ଟ ହୋଇଯିବ। ଏମାନେ ନିଶ୍ଚିତ ଭାବେ ସମାଜର ସଜାଗ ଗୋଷ୍ଠୀ ବୋଲି ଗ୍ରହଣ କରାଯାଏ। ଏମାନେ ଦେଶର ଶାସନ ଚଳାନ୍ତି। ତାହେଲେ ଏମାନେ ଯାହା କହିଲେ ସେଥିରୁ କ'ଣ ସୂଚନା ମିଳିଲା ? ମାଗଣା ସରକାରୀ କାର୍ଯ୍ୟକ୍ରମ ଖାଇବା ଲୋକେ କୁଳାଙ୍ଗାର। ଦେବା ଲୋକେ ଖରାପ। ଯଦି ଲୋକେ ନଖାଇବେ ତାହେଲେ ରାଜନୈତିକ ଦଳ ମାଗଣା ଦେବ ବୋଲି କାହିଁକି ନିର୍ବାଚନୀ ପ୍ରତିଶ୍ରୁତି ଦେବ ? ଯେତେବେଳେ ଦେଶ ସ୍ୱାଧୀନ ହେଲା ସେତେବେଳେ ଗାନ୍ଧିଜୀ ଦେଶର କୋଟି କୋଟି ଲୋକଙ୍କ ସହଯୋଗ ଚାହିଁଲେ। ବଡ଼ ଲୋକ ତ ବିଦେଶରେ ବା ଫିରିଙ୍ଗିଙ୍କ ଗୁମାସ୍ତା ବା ଜମିଦାର। ତାହାଲେ ଆସିଲେ କିଏ ? ସାଧାରଣ ଗରିବ ଓ ମଧ୍ୟବିତ ଶ୍ରେଣୀ ଲୋକେ ସ୍କୁଲ କଲେଜ ନଯାଇ, ମାଡ଼ଗାଳି ଖାଇ ଜେଲ୍ ଯାଇ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହେଲେ। ତେଣୁ କେବଳ ଗାନ୍ଧିଜୀ ସ୍ୱାଧୀନତା ଆଣିନାହାନ୍ତି, ସ୍ୱାଧୀନତା ଯଦି ଆଣିଛନ୍ତି ଦେଶର ଗରିବ ଓ ମଧ୍ୟବିତ ଲୋକେ। ଆଶାଥିଲା ଦେଶ ସ୍ୱାଧୀନ ହେଲେ ସେମାନଙ୍କ ଗରିବୀ ଦୂରହେବ। ତେବେ ସ୍ୱାଧୀନତାର ୭୫ବର୍ଷ ପରେ ସେମାନେ ସରକାରୀ ମାଗଣା କାର୍ଯ୍ୟକ୍ରମ ଉପରେ ନିର୍ଭର କରିବାକୁ ଚାହୁଁଛନ୍ତି କାହିଁକି ? ସରକାରଙ୍କର ମହିଳାମାନଙ୍କୁ ମାଗଣା ବସ୍‌ଯାତ୍ରା ବା ୩୦୦ ୟୁନିଟ୍ ବିଜୁଳି ଛାଡ଼ ବା କୃଷକ ସମ୍ମାନ ନିଧି ବା କାଳିଆ ଯୋଜନାରେ ଟାଟା, ଅମ୍ବାନି, ପ୍ରଶାସନିକ ଅଧିକାରୀ ସାମିଲ ହେବାକୁ ଚାହାନ୍ତି କି ? ତେଣୁ ପ୍ରଶାସନିକ ବାବୁ ଦେଶର ବ୍ୟାଙ୍କ ଲୁଟି, ଲାଭଥିବା ସରକାରୀ ଉଦ୍ୟୋଗର ଘରୋଇକରଣ, କ୍ରମାଗତ ନିଯୁକ୍ତି ସୁବିଧା ହ୍ରାସ ଇତ୍ୟାଦି ଅର୍ଥନୈତିକ ମୁଳଦୁଆ ଜନିତ ସମସ୍ୟା ଉପରେ ଧ୍ୟାନ ଆକର୍ଷଣ ନକରି ଦେଶର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା କୋଟି କୋଟି ଲୋକଙ୍କ ବଂଶଧରମାନଙ୍କୁ କୁଳାଙ୍ଗାର ପରି ଚିତ୍ରଣ କରିବା ତାଙ୍କର ଶୋଇବା, କି ଚେଇଁ ଶୋଇବା କି ଜାଗ୍ରତ ଅବସ୍ଥାରେ ପରିଚୟ ଦେଉଛି ତାହା ଲୋକେ ବିଚାର କରିବେ।

ଦେଶର ୫୦ଭାଗରୁ ଉର୍ଦ୍ଧ୍ୱ ଲୋକେ ଯଦି ଦରିଦ୍ର ଅବସ୍ଥାରେ ବା ଦରିଦ୍ର ଅବସ୍ଥାକୁ ଖସିଯିବା ଭୟରେ ଜୀବନଯାପନ କରନ୍ତି ତେବେ ସେମାନେ ଶୋଇଲେ ଯାହା ଜାଗ୍ରତ ହେଲେ ବି ତାହା। କାରଣ ସେମାନେ ଚାହିଁଲେ ବି ରାଷ୍ଟ୍ର ଓ ସମାଜ ପାଇଁ ବିଶେଷ କିଛି କରିପାରିବେ ନାହିଁ, ଯେହେତୁ ସେମାନେ ଜୀବିକା ପାଇଁ ସର୍ବଦା ସଂଗ୍ରାମରତ। ନିମ୍ନ ଓ ମଧ୍ୟବିତ ପରିବାର ଦେଶର ଯେଉଁ ଧର୍ମର ବା ଜାତିର ହେଲେ ବି ସେମାନେ ମଧ ଅହରହ ନିଜର ଓ ନିଜ ପରିବାରର ଗତିଶୀଳତା ବଜାୟ ରଖିବାରେ ସଂଗ୍ରାମରତ। ତାହେଲେ ଯେଉଁମାନଙ୍କର ବଂଚିବା ପାଇଁ ଅସୁବିଧା ନାହିଁ ସେହିମାନେ ହିଁ ଚେତନା ପାଇ ଜାଗ୍ରତ ହୋଇ ସମାଜ ପାଇଁ ଓ ରାଷ୍ଟ୍ର ପାଇଁ ଓ ପୃଥିବୀ ପାଇଁ କାମ କରିବା ଉଚିତ। କିନ୍ତୁ ସେମାନେ ନିଜ ପାଇଁ ଏବଂ ନିଜର ଦଶ ପିଢ଼ି ପାଇଁ ସମ୍ପତି ରଖିବାରେ ବ୍ୟସ୍ତ। ତେଣୁ ସେମାନେ ଜାଗ୍ରତ ଥିଲେ ବି ଶୋଇରହନ୍ତି। ପ୍ରକୃତରେ ଆମେ ଶୋଇକି ଚାଲିବା ଅବସ୍ଥାରେ ଥିଲୁ, ଅଛୁ ଏବଂ ଆଗକୁ ଚାଲିଥିବୁ। କେବଳ ମଧୁବାବୁ ପ୍ରକୃତରେ ଶୋଇଥିଲେ ବୋଲି ଆମେ ବେଳେବେଳେ କହିବୁ। କାରଣ ମଧୁବାବୁ ମୃତ୍ୟୁବେଳକୁ ଗରିବ ହୋଇଯାଇଥିଲେ।


# SANCKET PVT. I.T.I

*Trades affiliated to NCVT, Government of India*
PURANODAPADA, RAGHUNATHPUR- 754132, JAGATSINGHPUR
CONT. NO- 9437073823, 94394841828, 9437905454, www.sancket.com

**Trades available for admission**
**Fitter, Electrician, Plumbing, Sewing Technology (Tailoring)**





ସଙ୍କେତ: ଏକ ଗ୍ରାମୀଣ ଓ କର୍ମଭିତ୍ତିକ ପରିଚାଳିତ ଶିକ୍ଷାନୁଷ୍ଠାନ। ଏଇ ଅନୁଷ୍ଠାନ ସାମଜର କଲ୍ୟାଣ ଦିଗରେ ବ୍ରତୀ ହୋଇ ନିରବଚ୍ଛିନ୍ନ ଭାବରେ ୧୧ବର୍ଷ ହେଲା ତାହାର କର୍ତ୍ତବ୍ୟ ସୂଚାରୁରୂପେ କରିଆସୁଛି। ସେଥିପାଇଁ ସଙ୍କେତ ଆଇଟିଆଇ, ତାହାର ଶୁଭେଚ୍ଛୁ ବନ୍ଧୁ, ଅଭିଭାବକ ତଥା ଶିକ୍ଷାର୍ଥୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି। ଏଥିରେ ପ୍ରଦର୍ଶିତ ବୈଷୟିକ ଶିକ୍ଷାକୁ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ସହିତ ସେମାନଙ୍କର ବୌଦ୍ଧିକ ଓ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବା ପାଇଁ ସର୍ବସାଧାରଣମାନଙ୍କ ସୁଚିନ୍ତିତ ପରାମର୍ଶ ଓ ମତାମତକୁ ଆନନ୍ଦର ସହିତ ଅନୁମୋଦନ କରାଯାଇଛି। ଆମେ ମଧ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରୁଛୁ। ଅତ୍ୟାଧୁନିକ ଯୁଗର ମନୁଷ୍ୟ ତା'ର ମାନବିକ ତଥା ନୈତିକ ମୂଲ୍ୟବୋଧକୁ ହତ୍ୟାକରି ପାଶବିକ ଘୃଣ୍ୟ ପ୍ରବୃତ୍ତି ଆଡ଼କୁ ମୁହାଁଉଛି। ସେମାନଙ୍କୁ ସେହି ପଙ୍କିଳ ପଥରୁ ଉଦ୍ଧାର କରିବା ପାଇଁ ସ୍ୱାମୀ ବିବେକାନନ୍ଦ ଭାରତର ଯୁବ ସଂପ୍ରଦାୟମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, Civilization ..... Human civilization has begun not yet. 99.9% of human race are more or less savages even now' (Total youth of India)... ଏହାର ଅର୍ଥ ହେଲା:- ସଭ୍ୟତା... ମାନବ ସଭ୍ୟତା ଆଜିର ବିଶ୍ୱରେ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ କାରଣ ୯୯.୯% ମଣିଷ ଆଜି ପର୍ଯ୍ୟନ୍ତ ବନ୍ୟପଶୁପରି ପାଶବିକ ଆଚରଣରେ ଲିପ୍ତ ରହିଛନ୍ତି।

ତେଣୁ ଏହି ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଜ୍ଞାନରେ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ସେମାନଙ୍କ ସ୍ୱର୍ଣ୍ଣିକ ଭବିଷ୍ୟ ଗଢ଼ିବା ସଙ୍ଗେ ସଙ୍ଗେ ସମାଜରେ ଜଣେ ଆଦର୍ଶ ନୀତିନିଷ୍ଠ ବ୍ୟକ୍ତି ରୂପେ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଛାତ୍ରଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ନିଜର ଦାୟିତ୍ୱ ସଂପର୍କରେ ଅଧିକ ଜ୍ଞାନ ଆହରଣ କରିବା କ୍ଷେତ୍ରରେ ସଙ୍କେତ ଅନୁଷ୍ଠାନ ଅଙ୍ଗୀକାରବଦ୍ଧ। ସଙ୍କେତ ଆଇ.ଟି.ଆଇରେ ପିଲାମାନଙ୍କୁ ପାଠପଢ଼ା ସହିତ ସମାଜ ଗଠନ ପାଇଁ ସାମାଜିକ କ୍ଷେତ୍ରରେ ନିରନ୍ତର ସେବା ଯୋଗାଉଥିବା ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନମାନଙ୍କୁ ସମ୍ମାନିତ କରିଆସୁଛି। ଏଇ ଅନୁଷ୍ଠାନରୁ ଉତ୍ତିର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନଙ୍କର କର୍ମନିଯୁକ୍ତି ପାଇଁ ବିଭିନ୍ନ ଅନୁଷ୍ଠାନ ତଥା କମ୍ପାନୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରାଯାଇ ଯୋଗ୍ୟତା ଭିତ୍ତିରେ ସେମାନଙ୍କ ନିଯୁକ୍ତି ନିମନ୍ତେ ବିଧିବଦ୍ଧ ଭାବରେ (Campus Selection)ର ବ୍ୟବସ୍ଥା କରାଯାଉଛି। ଉକ୍ତ ଅନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ଜରୁରୀ ଆବଶ୍ୟକୀୟ ପୁସ୍ତକ ସୁଲଭରେ ଯୋଗାଇ ଦେବା ନିମନ୍ତେ ପାଠାଗାର ମଧ ରହିଛି। ଏଠାରୁ ଶିକ୍ଷା ସମାପ୍ତି ପରେ ଶିକ୍ଷାର୍ଥୀଙ୍କୁ N.C.V.T. ର ପ୍ରମାଣପତ୍ର ମଧ ପ୍ରଦାନ କରାଯାଏ।

ଏଠାରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ରହଣି ପାଇଁ ଛାତ୍ରବାସର ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଛାତ୍ରୀମାନଙ୍କ ନିରାପତ୍ତା ଦୃଷ୍ଟିରୁ ସେମାନଙ୍କ ଅନ୍ତେନିବାସ ଛାତ୍ରମାନଙ୍କ ଠାରୁ ଦୂରରେ ନିର୍ମାଣ କରଯାଇଛି ଏବଂ ରାତ୍ରୀକାଳୀନ ଜଗୁଆଳି ରହିବାର ମଧ ବ୍ୟବସ୍ଥା କରାଯାଇଛି। ଦୂରବର୍ତ୍ତୀ ଛାତ୍ରଛାତ୍ରୀମାନଙ୍କ ଯାତାୟତରେ ସୁବିଧା ଦୃଷ୍ଟିରୁ କଟକ-ପାରାଦୀପର ମୁଖ୍ୟ ରାଜପଥର ପାର୍ଶ୍ୱରେ ଶିକ୍ଷାସୌଧ ନିର୍ମାଣ କରି ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ ଜଣାଉଛି।



ଏହି ଅଂଚଳରେ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସଙ୍କେତ ଅନୁଷ୍ଠାନ ସେମାନଙ୍କର କର୍ମନିଯୁକ୍ତିର ସୁଯୋଗ ଦୃଷ୍ଟିରୁ ଇଲେକ୍ଟ୍ରିସିଆନ, ଫିଟର, କମ୍ପ୍ୟୁଟର, ସିଲାଇ ତଥା ପ୍ଲମ୍ବର ପରି ବୈଷୟିକ ବିଭାଗ ମାନ ସଂଶ୍ଳିଷ୍ଟ କରିଛି। ଏଇ ଅନୁଷ୍ଠାନ ତାହାର ସୁନାମ ଓ ଗୌରବ ରକ୍ଷା ପାଇଁ ବିଶେଷ କରି ଶିକ୍ଷାର୍ଥୀ ଏବଂ ଅଭିଭାବକମାନଙ୍କର ଆଶା ଓ ବିଶ୍ୱାସକୁ ଶତପ୍ରତିଶତ ସଫଳ କରିବା ପାଇଁ ପ୍ରୟାସ ଜାରି କରିଆସୁଛି।

ଏତଦ୍‌ବ୍ୟତୀତ ଭାରତ ସରକାର ଓ ରାଜ୍ୟ ସରକାର ସମସ୍ତ ପ୍ରାର୍ଥୀଙ୍କୁ ଆଇ.ଟି.ଆଇ ସହ +୨ର ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରିଛନ୍ତି। ସଙ୍କେତର ଆଇ.ଟି.ଆଇ ସହ +୨ର ଶିକ୍ଷା ଏକ ସଙ୍ଗେ ଲାଭ କରିବାର ସୁଯୋଗ ନିଅନ୍ତୁ, କାରଣ ସଙ୍କେତ ଆଇ.ଟି.ଆଇ ଏନ୍.ଆଇ.ଓ.ଏସ୍ ସହ ଅନୁବନ୍ଧିତ ହୋଇ certified study centreର ମାନ୍ୟତା ହାସଲ କରିସାରିଛି। ଆପଣମାନଙ୍କୁ ଅଭିନନ୍ଦନ ଜଣାଇ ଆପଣମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।

*Better Training for Prosperity*









# କମ୍ ପାଣି ପିଉଥିଲେ ହୋଇପାରେ ଏହି ରୋଗ

ଜଳ ହିଁ ଜୀବନ । ସୁସ୍ଥ ଓ ନିରୋଗ ରହିବା ପାଇଁ ଆମ ଶରୀର ପ୍ରଚୁର ପାଣି ଆବଶ୍ୟକ କରେ । ଖରାଦିନେ ପ୍ରତ୍ୟେକ ଶରୀରକୁ ଯଥେଷ୍ଟ ପରିମାଣର ଜଳ ଯୋଗାଇବା ଆବଶ୍ୟକ । ଯଥେଷ୍ଟ ପାଣି ପିଇବା ଦ୍ୱାରା ଶରୀରରେ ଅନେକ ରୋଗ ଭଲ ହେବା ସହ ଶରୀରରେ ଥିବା ଦୂଷିତ ପଦାର୍ଥ ମୁତ୍ରାଶୟ ଦେଇ ନିଷ୍କାସିତ ହୋଇଥାଏ । ଏଥିସହ ହାଇଡ୍‌ରେସନ୍ ସଠିକ୍ ଭାବେ ହୋଇଥାଏ । ଯେଉଁମାନେ କମ୍ ପାଣି ପିଉଛନ୍ତି । ସେମାନଙ୍କୁ ଅନେକ ଭୟଙ୍କର ରୋଗ ହେବାର ସମ୍ଭାବନା ରହିଥାଏ ।

ୟୁଏସ୍ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ରିସର୍ଚ୍ଚର ଡାକ୍ତର ନତାଲିଆ ଦିମିତ୍ରିଓ୍ୱାଙ୍କ କହିବାନୁସାରେ ଅନେକ ରୋଗର ଉପଶମ ହେଉଛି କେବଳ ଯଥେଷ୍ଟ ପରିମାଣର ପାଣି । ନତାଲିଆ ନିଜର ଏକ ଟିମ୍ ଗଠନ କରି ୧୨ ହଜାର ଆମେରିକୀୟଙ୍କୁ ନେଇ ଏକ ପରୀକ୍ଷା କରିଥିଲେ । ଯେଉଁଥିରେ କେବଳ ୪୪ରୁ ୬୬ ବୟସର ବ୍ୟକ୍ତିଙ୍କୁ ସାମିଲ କରାଗଲା । ହୃଦୟ ସମ୍ବନ୍ଧିତ ରୋଗ, ମଧୁମେହ କିମ୍ବା ମେଦବହୁଳତା ଭଳି କୌଣସିଟି ରୋଗରେ ଏମାନେ ଆକ୍ରାନ୍ତ ନଥିଲେ । ମାତ୍ର ସମୟକ୍ରମେ ଏମାନଙ୍କ ମଧ୍ୟରୁ ୧ ହଜାର ୩୬୬ ଜଣ ଏହିସବୁ ରୋଗରେ ଆକ୍ରାନ୍ତ ହେବାର ଦେଖିବାକୁ ମିଳିଥିଲା । ରକ୍ତରେ ଥିବା ସୋଡ଼ିୟମ୍ ପରୀକ୍ଷା କରାଯିବା ପରେ ଏହି ବ୍ୟକ୍ତିବିଶେଷଙ୍କର ଫ୍ଲୁଇଡ୍ ସ୍ତର କମ୍ ଥିବାର ଜଣାପଡ଼ିଲା । ସାଧାରଣତଃ ଜଣେ ସୁସ୍ଥ ମଣିଷ ଶରୀରରେ ସୋଡ଼ିୟମର ମାତ୍ରା ୧୩୫ରୁ ୧୪୬ ମିଲିଇକ୍ୟୁଇବେଲେଣ୍ଟ ପ୍ରତି ଲିଟର ମଧ୍ୟରେ ରହିଥାଏ । ମାତ୍ର ଯେଉଁ ବ୍ୟକ୍ତିଙ୍କର ମଧ୍ୟମ ବୟସରେ ସୋଡ଼ିୟମର ମାତ୍ରା ୧୪୩ ମଧ୍ୟରେ ରହିଥାଏ । ସେମାନଙ୍କର ହୃଦଘାତ ହେବାର ୩୯ ଶତକଡ଼ା ସମ୍ଭାବନା ଥାଏ । ରିପୋର୍ଟ ମୁତାବକ ୭୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କର ସୋଡ଼ିୟମ୍ ମାତ୍ରା ୧୪୩ ମିଲିଇକ୍ୟୁଇବେଲେଣ୍ଟଲ । ଏଥିସହ ଏହି ବୟସ ବ୍ୟକ୍ତିଙ୍କର ହାର୍ଟ ଲାଇନ୍ ମୋଟା ହେବାର ସମସ୍ୟା ଦେଖାଦେଇପାରେ । ଶରୀରକୁ ସୁସ୍ଥ ରଖିବା ପାଇଁ ମହିଳାଙ୍କୁ ପ୍ରତିଦିନ ୬ରୁ ୮ କପ୍(୧.୫-୨.୧ଲିଟର), ପୁରୁଷଙ୍କୁ ୮ରୁ ୧୦ କପ୍(୨-୩ ଲିଟର) ପାଣି ପିଇବା ଆବଶ୍ୟକ । ଏଥିସହ ହୃଦଘାତରୁ ମୁକ୍ତି ପାଇଁ ନିୟମିତ ବ୍ୟାୟାମ ସହ ସିଗାରେଟ୍ ଏବଂ ମଦଠୁ ଦୂରେଇ ରୁହନ୍ତୁ ।



# ଖରାଦିନେ ଖାଦ୍ୟରେ ସାମିଲ କରନ୍ତୁ ଏହି ୫ଟି ଫଳ

ଦିନ ଗଡ଼ିବା ସହ ଦିନକୁ ଦିନ ପ୍ରଖର ହେବାରେ ଲାଗିଛି ଖରା । କେତକ ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀ ଡେଇଁଲାଣି । ଏବେ ଗ୍ରୀଷ୍ମର ପ୍ରଭାବ ସାରା ଦେଶରେ ଅନୁଭୂତ ହେଉଛି । ତେବେ ଏହି ସମୟରେ ବିଶେଷ ଭାବେ ଖାଦ୍ୟ ପେୟ ଉପରେ ବିଶେଷ ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ । ଏମିତି କିଛି ଜିନିଷ ଅଛି ଯାହାକୁ ଆପଣ ଖାଇଲେ ଆପଣଙ୍କ ଶରୀର ସୁସ୍ଥ ରହିବା ସହ ବିଭିନ୍ନ କାର୍ଯ୍ୟ କରିବାରେ ତତ୍ପର ହେବେ ।



ଆମ୍ବ: ଖରାଦିନ ଆସିବା ମାତ୍ରେ ଲୋକମାନେ ଆମ୍ବକୁ ପ୍ରଥମ ପସନ୍ଦ କରିଥାନ୍ତି । ତେବେ ଏହି ଆମ୍ବରେ ରହିଥାଏ ପ୍ରଚୁର ପରିମାଣରେ ଭିଟାମିନ ସି । ଆଖି, ଚର୍ମ, କୋଲେଷ୍ଟ୍ରଲ ଏବଂ ହଜମ ଶକ୍ତି ବଢାଇବା ସହ କର୍କଟ ଭଳି ରୋଗ ଇତ୍ୟାଦିରୁ ରକ୍ଷା କରିଥାଏ ହଳଦିଆ ଆମ୍ବ । ତେବେ ଆମ୍ବ ତୁଳନାରେ ବଜାରରେ ମିଳୁଥିବା ଜୁସ ଏତେଟା ଫଳପ୍ରଦ ନୁହେଁ । ଯଦିଓ ଏହା ସ୍ୱାଦରେ ଏକ ନମ୍ବର ଥାଏ କିନ୍ତୁ ଏଥିରେ ଭିଟାମିନ ଭାଗ କମିଯାଇଥାଏ ।


କଦଳୀ: କଦଳୀ ସବୁ ଋତୁରେ ମିଳୁଥିବା ଫଳ ମାନଙ୍କ ଭିତରୁ ଗୋଟିଏ । ଏହି ଫଳରେ ବିଭିନ୍ନ ପ୍ରକାର ଭିଟାମିନ ଯେମିତି ଏ, ବି, ସି, ଇ ଇତ୍ୟାଦି ସହ ପୋଟାସିୟମ ଏବଂ ମ୍ୟାଗ୍ନିସିୟମ ମଧ୍ୟ ଭରପୂର ମାତ୍ରାରେ ରହିଥାଏ । ତେଣୁ କଦଳୀ ଖାଇବା ଦ୍ୱାରା ଏହି ସମସ୍ତ ଭିଟାମିନ ଶରୀରକୁ ଯାଇଥାଏ । ଏହାବ୍ୟତୀତ କଦଳୀରେ ଏମିନୋଏସିଡ ଏବଂ ବି-୬ ମଧ୍ୟ ରହିଥାଏ, ଯାହା ଆଣ୍ଟି ଅକ୍ସିଡାଣ୍ଟ ହୋଇଥାଏ ।



ଅମୃତଭଣ୍ଡା: ଅମୃତ ଭଣ୍ଡା ସବୁ ବେଳ ପାଇଁ ଉପଯୋଗୀ ହୋଇଥାଏ । କିନ୍ତୁ ଖରାଦିନେ ଖାଦ୍ୟରେ ଅମୃତଭଣ୍ଡା ସାମିଲ କରିବା ଶରୀର ପାଇଁ ଅଧିକ ଉପଯୋଗୀ ପ୍ରମାଣିତ ହୋଇଥାଏ। ଏଥିରେ ଭିଟାମିନ ସି ଏବଂ ଭିଟାମିନ ଏ ରହିଥାଏ । ଏହାଦ୍ୱାରା ଆଖି ଏବଂ ଇମ୍ୟୁନିଟି ମଧ୍ୟ ଶକ୍ତିରେ ବୃଦ୍ଧି ହୋଇଥାଏ । ଏଥିରେ ଥିବା ଫାଇବର ପେଟ ଏବଂ ହଜମ ପ୍ରକ୍ରିୟାକୁ ସତେଜ କରେ। ଏହାବ୍ୟତୀତ ଓଜନ କମାଇବା ପାଇଁ ମଧ୍ୟ ଅମୃତଭଣ୍ଡା ଖାଇବା ଲାଭଦାୟକ ଫଳ ହୋଇଥାଏ ।

ସପୁରି : ସପୁରୀ ସବୁବେଳେ ଆଖିପାଇଁ ଭଲ ହୋଇଥାଏ । ଏହି ସମୟରେ ସପୁରୀର ଆମଦାନୀ ଅଧିକ ମାତ୍ରାରେ ହୋଇଥାଏ । ସପୁରୀରେ ଭରପୁର ପରିମାଣରେ ପୋଟାସିୟମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଏନଜାଇମ୍ ମିଳିଥାଏ । ଏହା ଶରୀରକୁ ଡିଟକ୍ସାଇଫ କରିଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହାକୁ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବଢିଥାଏ ଏବଂ ମୋତିଆବିନ୍ଦୁ ହେବାର ଆଶଙ୍କା କମିଯାଏ।

କମଳା: କମଳାରେ ମଧ୍ୟ ଭିଟାମିନ ସି ’ ଅତ୍ୟଧିକ ପିରମାଣରେ ଥାଏ । ଏବଂ ଏଥିରେ ଥିବା ଫାଇବର ଶରୀରକୁ ସୁସ୍ଥ ରହିବାରେ ସାହାଯ୍ୟ କରିଥାଏ । ଏଥିରେ ଅଧିକ ପରିମାଣରେ କ୍ୟାଲସିୟମ ଥିବା ବେଳେ ଏହା ଆଣ୍ଟି ଅକ୍ସିଡାଣ୍ଟ ହୋଇଥିବାରୁ ଚର୍ମ ଏବଂ ଶରୀରକୁ ସୁସ୍ଥ ରଖିବାରେ ଖୁବ ସହାୟକ ହୋଇଥାଏ। କେବଳ ସେତିକି ନୁହେଁ ଓଜନ କମାଇବା ପାଇଁ ମଧ୍ୟ କମଳାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଏହା ଥଣ୍ଡା ଏବଂ କାଶରୁ ମୁକ୍ତି ଦେଇଥାଏ । ତେଣୁ ଗରମ ଦିନରେ କମଳା ଖାଇବା ଆପଣଙ୍କ ପାଇଁ ଅନେକ କ୍ଷେତ୍ରରେ ଲାଭଦାୟକ ହୋଇଥାଏ ।



# ମ୍ୟାଟ୍ରିକ ପରୀକ୍ଷା ଅନ୍ତରାଳେ



ପ୍ରଣତି ପାତ୍ର

*ଚଳିତ ବର୍ଷ ପରୀକ୍ଷା ପଦ୍ଧତିକୁ ସରଳୀକରଣ କରିବା ନିମନ୍ତେ ଉଦ୍ୟମ କରାଯାଇଛି। ୨୦୨୧-୨୨ ଶିକ୍ଷାବର୍ଷର ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସମ୍ଭବତଃ ମ୍ୟାଟ୍ରିକ୍ ପରୀକ୍ଷା ଦେଉଥିବା ଶେଷ ଦଳ। ଜାତୀୟ ଶିକ୍ଷାନୀତି, ୨୦୨୦ ଯଦି ଆଗାମୀ ବର୍ଷରେ ଲାଗୁ ହୋଇଯାଏ ତେବେ ଦଶମ ଶ୍ରେଣୀ ପାଇଁ ଶେଷରେ ସମ୍ଭବତଃ ଏମିତି ଏକ ପରୀକ୍ଷା ଆଉ ପରିଚାଳିତ ହେବ ନାହିଁ। ଏହି ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପୂର୍ବରୁ ଏହାର ସକରାତ୍ମକ ଓ ନକରାତ୍ମକ ଦିଗ ବିଷୟରେ ଜନସାଧାରଣ ସ୍ତରରେ ଆଲୋଚନା ଆବଶ୍ୟକ।*

ଏକ ଶିକ୍ଷିତ ସଂସ୍କୃତିସମ୍ପନ୍ନ ତଥା ଉନ୍ନତ ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷା ବିଭାଗ ଦ୍ୱାରା ପ୍ରଣୀତ ପାଠ୍ୟକ୍ରମ, ଭିତ୍ତିଭୂମି ଶିକ୍ଷକମାନଙ୍କ ପ୍ରଶିକ୍ଷଣ ତଥା ବ୍ୟବସ୍ଥିତ ନିୟମାବଳୀ ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ସୁବିଧା ଯୋଗାଇ ଦିଆଯାଉଛି।

ଭାରତର ଶିକ୍ଷା ବ୍ୟବସ୍ଥାରେ ପାଠ୍ୟକ୍ରମ ଆଧାରିତ ଅନେକ ପ୍ରକାରର ପରୀକ୍ଷା ଅନୁଷ୍ଠିତ ହୁଏ। ବର୍ତ୍ତମାନ ସ୍ଥିତିରେ ପ୍ରାଥମିକ ତଥା ମାଧ୍ୟମିକ ଶିକ୍ଷାର ଶେଷ ସୋପାନରେ ମ୍ୟାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୁଏ। କାହିଁ କେଉଁ ଅତୀତ ସମୟରୁ ଏହି ପରୀକ୍ଷାକୁ ନେଇ ପିତାମାତା, ଅଭିଭାବକ, ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ମନରେ ଅଜଣା ଭୟ, ଭ୍ରମ ତଥା ଦ୍ୱନ୍ଦ୍ୱ ରହିଛି। ମ୍ୟାଟ୍ରିକ ପରୀକ୍ଷା ନିମନ୍ତେ ଦଶମ ଶ୍ରେଣୀର ପାଠ୍ୟକ୍ରମ, ପରୀକ୍ଷା ପଦ୍ଧତି ତଥା ଆଭିମୁଖ୍ୟରେ ବିଭିନ୍ନ ସମୟରେ ଅନେକ ସଂସ୍କାର ଅଣାଯାଇଛି। ଏହି ଧାରାରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇ ଉଚ୍ଚଶିକ୍ଷା ଲାଭ କରିଛନ୍ତି। ଅପରପକ୍ଷରେ ଅନେକ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ସାରା ଜୀବନ ମ୍ୟାଟ୍ରିକ ଫେଲ୍ ଭାବେ ଚିହ୍ନିତ ହୋଇଛନ୍ତି।

ସମାଜରେ ମ୍ୟାଟ୍ରିକକୁ ଗୋଟିଏ ଅତି କଠିନ ପରୀକ୍ଷା ରୂପେ ଚିତ୍ରଣ କରାଯାଇଛି ଏବଂ ଏହାକୁ ଛାତ୍ର ଜୀବନର ସବୁଠାରୁ ଆହ୍ୱାନପୂର୍ଣ୍ଣ ଘଟଣା ବୋଲି ପ୍ରକ୍ଷେପିତ କରାଯାଇଛି। କହିବା ବାହୁଲ୍ୟ, ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତିର୍ନ୍ନ ହେବା ବା ଫେଲ ହେବା ଜୀବନଯୁଦ୍ଧରେ ଜିତିବା ବା ହାରିବା ସହିତ ମଧ୍ୟ ତୁଳନା କରାଯାଏ। କାରଣ ବର୍ତ୍ତମାନ ଶିକ୍ଷାର ଲକ୍ଷ୍ୟ ହେଉଛି ଜୀବିକା ଅର୍ଜନ ନିମନ୍ତେ ପ୍ରସ୍ତୁତି। ମ୍ୟାଟ୍ରିକ ପରୀକ୍ଷାରେ ଫେଲ୍ ହେଲେ ଭବିଷ୍ୟତରେ ଭଲ ଚାକିରିଟିଏ ମିଳିବ ନାହିଁ। ଆଜିକାଲି ପୋଷ୍ଟ ଗ୍ରାଜୁଏଟ୍ ବା ପିଏଚ୍‌ଡି କରିଥିବା ଯୁବକଯୁବତୀଙ୍କୁ ସହଜରେ ଚାକିରି ମିଳୁନାହିଁ। ସେଠି ମ୍ୟାଟ୍ରିକ ଫେଲ୍ ହୋଇଥିବା ଛାତ୍ରଛାତ୍ରୀଙ୍କୁ କିଏ ପଚାରେ !

ସ୍ୱାଧୀନତା ପୂର୍ବରୁ ଯେତେବେଳେ ଓଡ଼ିଶାରେ ପରୀକ୍ଷା ବୋର୍ଡ ନଥିଲା, ସେତେବେଳେ ପାଟନା ବିଶ୍ୱବିଦ୍ୟାଳୟରୁ ଓଡ଼ିଶାରୁ ମାତ୍ର ୭-୮ଜଣ ବିଦ୍ୟାର୍ଥୀ ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତିର୍ନ୍ନ ହେଉଥିଲେ। ସ୍ୱାଧୀନତା ପରବର୍ତ୍ତି ସମୟରେ ବହୁତ କମ୍‌ସଂଖ୍ୟକ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ଯାଏଁ ପାଠପଢ଼ାର ସୁଯୋଗ ପାଉଥିଲେ। ସେତେବେଳେ ଉଚ୍ଚ ବିଦ୍ୟାଳୟର ସଂଖ୍ୟା କମ୍‌ଥିଲା, ଝିଅମାନଙ୍କ ପାଠପଢ଼ା ପ୍ରତି ସାମାଜିକ କଟକଣା ଥିଲା ଏବଂ ଶିକ୍ଷା ପ୍ରତି ଜନସାଧାରଣଙ୍କ ଏତେଟା ଗୁରୁତ୍ୱ ନଥିଲା।

୧୯୫୦ ଦଶକ ବେଳକୁ ସମଗ୍ର ଗ୍ରାମ, ବ୍ଲକ ବା ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ମ୍ୟାଟ୍ରିକ ପାସ୍ ଛାତ୍ରଛାତ୍ରୀ ଦେଖିବାକୁ ମିଳୁଥିଲେ। ମ୍ୟାଟ୍ରିକ ପାସ୍ କରିଥିବା ପିଲାଙ୍କ ପରିବାର ନିଜ ସାମାଜିକ ପରିସର ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରୁଥିଲେ।

ଆଜି ଶିକ୍ଷାର ବ୍ୟାପକ ପ୍ରଚାର ଓ ପ୍ରସାର ଯୋଗୁ ଓଡ଼ିଶାରେ ପ୍ରାୟ ସାଢ଼େ ୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ (ରେଗୁଲାର ଓ ଏକ୍ସ ରେଗୁଲାର) ପରୀକ୍ଷା ଦେଉଛନ୍ତି। ଗତ ଦୁଇବର୍ଷ ହେଲା ଲାଗି ରହିଥିବା କରୋନା ପରିସ୍ଥିତି ଯୋଗୁଁ ମ୍ୟାଟ୍ରିକ ପରୀକ୍ଷାରେ



ସାମୟିକ ପରିବର୍ତ୍ତନ ଅଣାଯାଇଛି। ୨୦୨୦-୨୧ ଶିକ୍ଷା ବର୍ଷର ଶେଷ ଆଡ଼କୁ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଥିଲେ। ଦଶମ ଶ୍ରେଣୀର ପାଠ୍ୟକ୍ରମକୁ ସଙ୍କୁଚିତ କରାଯାଇ ସମ୍ଭାବ୍ୟ ପ୍ରଶ୍ନର ସଂକଳନ ‘ପରୀକ୍ଷା ଦର୍ପଣ’ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଇଥିଲା। କିନ୍ତୁ ହଠାତ୍ କରୋନାର ପୁନର୍ବାର ଲେଉଟାଣି ଯୋଗୁଁ ବିଦ୍ୟାଳୟଗୁଡ଼ିକ ବନ୍ଦ କରିଦିଆଯାଇଥିଲା ଏବଂ ବିନା ପରୀକ୍ଷାରେ ପିଲାମାନେ ମ୍ୟାଟ୍ରିକ୍ ପରୀକ୍ଷାରେ ଫେଲ୍ ବା ପାସ୍ ହୋଇଥିଲେ।

ଚଳିତ ବର୍ଷ ପରୀକ୍ଷା ପଦ୍ଧତିକୁ ସରଳୀକରଣ କରିବା ନିମନ୍ତେ ଉଦ୍ୟମ କରାଯାଇଛି। ୨୦୨୧-୨୨ ଶିକ୍ଷାବର୍ଷର ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସମ୍ଭବତଃ ମ୍ୟାଟ୍ରିକ୍ ପରୀକ୍ଷା ଦେଉଥିବା ଶେଷ ଦଳ। ଜାତୀୟ ଶିକ୍ଷାନୀତି ୨୦୨୦ଯଦି ଆଗାମୀ ବର୍ଷରେ ଲାଗୁ ହୋଇଯାଏ ତେବେ ଦଶମ ଶ୍ରେଣୀ ପାଇଁ ଶେଷରେ ସମ୍ଭବତଃ ଏମିତି ଏକ ପରୀକ୍ଷା ଆଉ ପରିଚାଳିତ ହେବ ନାହିଁ।

ଏହି ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପୂର୍ବରୁ ଏହାର ସକରାତ୍ମକ ଓ ନକରାତ୍ମକ ଦିଗ ବିଷୟରେ ଜନସାଧାରଣ ସ୍ତରରେ ଆଲୋଚନା ଆବଶ୍ୟକ।

ମ୍ୟାଟ୍ରିକ ପରୀକ୍ଷାର ପରିଣାମ ସହିତ ଜଡ଼ିତ ମାନସିକ ଭୟ ଓ ଆଶଙ୍କା ଯୋଗୁଁ ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ଅନେକ ଦ୍ୱନ୍ଦ୍ୱ ରହିଥାଏ। ପରୀକ୍ଷା ପୂର୍ବରୁ ପିତାମାତାମାନେ ମାନସିକ ସ୍ତରରେ ଭୀଷଣ ଚାପଗ୍ରସ୍ତ ହେବା ଦେଖାଯାଏ। ନିଜ ସନ୍ତାନର ପରୀକ୍ଷା ଫଳ ଉପରେ ତାଙ୍କର ସାମାଜିକ ପ୍ରତିଷ୍ଠା ନିର୍ଭରକରେ ବୋଲି ଧାରଣା କରିଥାନ୍ତି। ଅନେକ ପିତାମାତା ନିଜ ସନ୍ତାନକୁ ଘର ମଧ୍ୟରେ ରହିବାକୁ ବାଧ୍ୟ କରିବା, ଅନ୍ୟ କାହାରିକୁ ଘରକୁ ଆସିବା ପାଇଁ ମନା କରିବା ତଥା ମନୋରଂଜନରୁ ଦୂରେଇ ରହିବା ପାଇଁ ଆୟୋଜନ କରିଥାନ୍ତି। ନିଜ ସନ୍ତାନକୁ ନିର୍ଦ୍ଦିଷ୍ଟ ପ୍ରତିଶତ ମାର୍କ ଆଣିବା ପାଇଁ ମଧ୍ୟ ତାଗିଦ କରିଥାନ୍ତି। ପିଲାଟି ସେତିକି ମାର୍କ ଆଣିବା ପାଇଁ ସକ୍ଷମ ନା ନାହିଁ ଏହା ଅନୁଧ୍ୟାନ ନକରି ଏମିତି ପ୍ରତ୍ୟାଶା ରଖିଥାନ୍ତି। ଏପରି ପରିସ୍ଥିତିରେ ଛାତ୍ରଛାତ୍ରୀ ଅଭୂତପୂର୍ବ ମାନସିକ ଅବସାଦ ଦେଇ ଗତି କରିଥାନ୍ତି। ସେମାନଙ୍କୁ ଅନ୍ୟ ପିଲାମାନଙ୍କ ସହିତ ମଧ୍ୟ ତୁଳନା କରାଯାଏ। କିଛି ପିଲା ଏହିପରି ଚାପର ବଶବର୍ତ୍ତୀ ହୋଇ ମାନସିକ ଭାରସାମ୍ୟ ହରେଇ ଥାଆନ୍ତି ଏବଂ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ଘର ଛାଡ଼ି ଚାଲିଯିବା କିମ୍ବା ଆତ୍ମହତ୍ୟା ପରି ଚରମ ପରଣତିକୁ ଆପଣେଇଥାନ୍ତି।

ଇଂରେଜୀ ମାଧ୍ୟମ ଶିକ୍ଷା ବ୍ୟବସ୍ଥାରେ ପଢୁଥିବା ପିଲାମାନଙ୍କ ସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ। ପିଲାଟି ବିଦ୍ୟାଳୟରେ ପଢ଼ି ଆସିବା ପରେ ଲଗାତାର ଟ୍ୟୁସନ ଓ ଅଭିଭାବକଙ୍କ ପାଠ ସମ୍ବନ୍ଧୀୟ କାମରେ ଅଣନିଶ୍ୱାସୀ ହୋଇଯାଏ।

ଶିକ୍ଷାର ପ୍ରସାର ଯୋଗୁଁ ଦଶମ ଶ୍ରେଣୀର ପିଲାଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ସେହି ଅନୁପାତରେ ଅଧିକ କ୍ଲାସରୁମ୍‌ର ବ୍ୟବସ୍ଥା ହୋଇପାରୁନାହିଁ। କେତୋଟି ଉଚ୍ଚବିଦ୍ୟାଳୟରେ ବେଳେବେଳେ ଗୋଟିଏ କ୍ଲାସରୁମ୍‌ରେ ୬୦ରୁ ୯୦ ପର୍ଯ୍ୟନ୍ତ ପିଲା ବସୁଛନ୍ତି। ଅପରପକ୍ଷରେ ଦଶମ ଶ୍ରେଣୀରେ ଗଣିତ, ଇଂରେଜୀ ଓ ବିଜ୍ଞାନ ପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷକ ପଦବୀ ଖାଲି ରହୁଛି। ଶିକ୍ଷକ ଚୟନ ପଦ୍ଧତିରେ ଥିବା ଦୀର୍ଘ ପ୍ରକ୍ରିୟା ଯୋଗୁଁ ଖାଲି ପଦବୀ ପୂରଣ ହେବା ପାଇଁ ଅନେକ ସମୟ ଲାଗିଯାଉଛି।

ଯେଉଁ ଯୁବଗୋଷ୍ଠୀ ପ୍ରଥମେ ଶିକ୍ଷକତା କରିଥାନ୍ତି ସେମାନେ ଅନ୍ୟ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ଚାକିରି ଛାଡୁଛନ୍ତି। ଶିକ୍ଷକତା ପାଇଁ ଆଜି ମଧ୍ୟ ସାମାଜିକସ୍ତରରେ ଜୀବିକା ରୂପେ ସର୍ବାନୁଦୃତ ଶ୍ରଦ୍ଧା ଆସିପାରିନାହିଁ। ଶିକ୍ଷକର ସମ୍ମାନ ଓ ଗୌରବରେ ଅବନତି ଘଟୁଛି। ଶିକ୍ଷକଙ୍କ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି ଯାହା ବିଷୟରେ ଆଲୋଚନା ଆବଶ୍ୟକ।

ଓଡ଼ିଶା ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ପାଇଁ ନିର୍ଦ୍ଦିଷ୍ଟ କେତୋଟି ସୁନାମଧନ୍ୟ ମହାବିଦ୍ୟାଳୟରେ ପଢ଼ିବା ପାଇଁ ପିତାମାତା ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଦେଇଥାଏ। ଏହି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶତକଡ଼ା ନବେ ପ୍ରତିଶତରୁ ଅଧିକ ମାର୍କ ରଖିଥିଲେ ଯାଇ ସିଟ୍ ମିଳିଥାଏ। ରାଜ୍ୟରେ ଅଧିକ ସଂଖ୍ୟକ ଉନ୍ନତମାନର ଶିକ୍ଷାନୁଷ୍ଠାନ ଦୁର୍ଲଭ ହୋଇପଡ଼ିଛି। ଇଂରେଜୀ ମାଧ୍ୟମରେ ପଢୁଥିବା ପିଲାମାନେ ନିଜ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ପଢ଼ିପାରୁଛନ୍ତି। କିନ୍ତୁ ଓଡ଼ିଆ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କେତୋଟି ପ୍ରମୁଖ ଆହ୍ୱାନ ରହିଛି। ଇଂରେଜୀ ମାଧ୍ୟମ ପିଲାଟି ଯଦି ମ୍ୟାଟ୍ରିକରେ ଅଧିକ ମାର୍କ ରଖିଛି, ତେବେ ସେ ରାଜ୍ୟର ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ସିଟ୍‌ଟିଏ ପାଇପାରୁଛି। ଯେହେତୁ ଯୁକ୍ତ ଦୁଇରେ ଇଂରେଜୀ ମାଧ୍ୟମରେ ଶିକ୍ଷାଦାନ କରାଯାଏ, ଯେତେ ମେଧାବୀ ହୋଇଥିଲେ ମଧ୍ୟ କିଛି ସମୟ ପର୍ଯ୍ୟନ୍ତ ସେମାନେ ଶିକ୍ଷାଦାନ ସହିତ ଖାପଖୁଆଇବା ପାଇଁ ଅସୁବିଧା ହୋଇଥାଏ। ଏସବୁ ସ୍ଥିତିକୁ ଧ୍ୟାନରେ ରଖି ଆଜିକାଲି ପିତାମାତା ଓଡ଼ିଆ ମାଧ୍ୟମରେ ପଢ଼ାଉଥିବା ନିଜ ପିଲାଙ୍କୁ ଇଂରେଜୀ ଶିକ୍ଷା ପ୍ରତି ଅଧିକ ଧ୍ୟାନ ଦେବା ପାଇଁ ଉତ୍ସାହିତ କରୁଛନ୍ତି। ଦେଖାଯାଉଛି ଆଜିକାଲି ନିଜ ମାତୃଭାଷା ଓଡ଼ିଆରେ ଅନେକ ପିଲା କମ୍‌ମାର୍କ ରଖୁଛନ୍ତି କିମ୍ବା ଫେଲ୍ ହେଉଛନ୍ତି। ଏହା ଏକ ସମ୍ବେଦନଶୀଳ ବିଷୟ। ଓଡ଼ିଆ ମାଧ୍ୟମରେ ଦଶମ ଶ୍ରେଣୀ ପଢୁଥିବା ପିଲାମାନେ ଓଡ଼ିଆରେ ପ୍ରାଞ୍ଜଳ ଭାବେ ଲେଖିପାରୁନାହାନ୍ତି।

ଶିକ୍ଷକ ଅଭାବ, କ୍ଲାସରୁମ୍‌ର ଅଭାବ, ପିତାମାତାଙ୍କ ଅତିରିକ୍ତ ପ୍ରତ୍ୟାଶା, ବୃହତ୍ ପାଠ୍ୟକ୍ରମ ଇତ୍ୟାଦି ଅପ୍ରତ୍ୟାଶିତ ସ୍ଥିତି ଭିତରେ ଦଶମ ଶ୍ରେଣୀ ପିଲାଟିର ଭବିଷ୍ୟତ ସନ୍ଦିହାନ ହୋଇପଡୁଛି। ତା’ଠାରୁ ଆଶା କରାଯାଏ ଯେ ପରୀକ୍ଷା ଦେବା ସମୟରେ ସେ ସଂପୂର୍ଣ୍ଣ ରୂପେ ସୁସ୍ଥ, ଚାପମୁକ୍ତ ତଥା ସମସ୍ୟାମୁକ୍ତ ରହିବ। ତା’ ପରୀକ୍ଷା ଫଳ ନିମନ୍ତେ ସେ ନିଜେ ଦାୟୀ। କିନ୍ତୁ ଅନେକଗୁଡ଼ିଏ ପରିସ୍ଥିତି ତା’ର ନିୟନ୍ତ୍ରଣରେ ନାହିଁ।

ଆମେ ଯଦି ତାକୁ ସମସ୍ତ ସମ୍ବଳ ଉପଯୁକ୍ତ ସମୟରେ ଓ ଉପଯୁକ୍ତ ବ୍ୟବସ୍ଥା ଅନୁସାରେ ପ୍ରଦାନ କରିପାରୁନାହାନ୍ତି, ତେବେ ତା’ର ଅକୃତକାର୍ଯ୍ୟ ନିମନ୍ତେ ତାକୁ କାହିଁକି ଆମେ ଦାୟୀ କରିବା ? ଛାତ୍ରଛାତ୍ରୀଙ୍କ ନିୟନ୍ତ୍ରଣ ବାହାରେ ଥିବା ପରିସ୍ଥିତି ପାଇଁ ତା’ର ସମଗ୍ର ଭବିଷ୍ୟତ ନିମନ୍ତେ ପ୍ରଶ୍ନବାଚୀ ସୃଷ୍ଟିହୁଏ । ଏସବୁ ପାଇଁ କିଏ ଉତ୍ତରଦାୟୀ ?

ତେଣୁ ମ୍ୟାଟ୍ରିକ ପରୀକ୍ଷାର ଏ ଚକ୍ରବ୍ୟୂହ ଭିତରୁ ଛାତ୍ରସମାଜ ମୁକୁଳିବା ଆବଶ୍ୟକ। ପିତାମାତାଙ୍କ ମାର୍କ ସଂପର୍କିତ ପ୍ରତ୍ୟାଶା, ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କ ମାନଦଣ୍ଡରେ ଉନ୍ନତି, ଖାଲିଥିବା ଶିକ୍ଷକ ପଦବୀ ପୂରଣରେ ତତ୍ପରତା, ସୁସ୍ଥ ପରିବେଶରେ ପଢ଼ିବାର ସୁଯୋଗ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷାର ସୁବିଧା ତଥା ପରୀକ୍ଷା ସମ୍ବନ୍ଧୀୟ ମାନସିକ ଚାପରୁ ରକ୍ଷା ନିମନ୍ତେ ପରାମର୍ଶ ବ୍ୟବସ୍ଥା ଆବଶ୍ୟକ। ସର୍ବୋପରି ପାଠ୍ୟକ୍ରମକୁ ମୁଖ୍ୟସ୍ୱୀକରଣ ବ୍ୟବସ୍ଥାଠାରୁ ମୁକ୍ତ କରିବାକୁ ପଡ଼ିବ। କାରଣ ଅତ୍ୟଧିକ ସୂଚନା ବା ଜ୍ଞାନର ବୋଝ ଯୋଗୁଁ ପିଲାଙ୍କ ସ୍ୱାଭାବିକ ଶିକ୍ଷା ବାଧାପ୍ରାପ୍ତ ହେଉଛି।

କରୋନା ପରିସ୍ଥିତି ଯୋଗୁଁ ଗତ ଦୁଇ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀମାନେ ଶିକ୍ଷା ବ୍ୟବସ୍ଥାରେ ଅନେକ ବ୍ୟତିକ୍ରମର ସାମନା କରିଛନ୍ତି। ତେଣୁ ଆଗାମୀ ଦିନରେ ସେମାନଙ୍କ ସୁନ୍ଦର ଭବିଷ୍ୟତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଅତ୍ୟନ୍ତ ଜରୁରୀ ମନେହୁଏ।

ମୋ- ୯୪୩୭୧୩୪୮୮୮

# ଦୁଇ ବର୍ଷ ପରେ ଖୋଲିଲା ଅଭିଯୋଗ ପ୍ରକୋଷ୍ଠ

ଭୁବନେଶ୍ୱର: ଦୁଇ ବର୍ଷ ପରେ ଆଜିଠୁ ପୁଣି ଖୋଲିଲା ଅଭିଯୋଗ ପ୍ରକୋଷ୍ଠ । ସବୁ ସରକାରୀ କାର୍ଯ୍ୟାଳୟରେ ଆଜିଠୁ ହୋଇଛି ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣି । ପୂର୍ବ ପରି ପ୍ରତି ସୋମବାର ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି କରାଯିବ । ଏନେଇ ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର ପକ୍ଷରୁ ସବୁ ବିଭାଗୀୟ ମୁଖ୍ୟ, ପୋଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଓ ଏସପିଙ୍କୁ ଅବଗତ କରିଛନ୍ତି। ୨୦୨୦ ମାର୍ଚ୍ଚ ୧୩ ତାରିଖରୁ କରୋନା ସଂକ୍ରମଣ ଦୃଷ୍ଟିରୁ ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣି ବନ୍ଦ କରାଯାଇଥିଲା। ତେବେ ଜନଶୁଣାଣି ପୋର୍ଟାଲରେ ଅନଲାଇନରେ ଅଭିଯୋଗର ଶୁଣାଣି ହେଉଥିଲା। ଏବେ ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣି ପାଇଁ ସାଧାରଣ ଲୋକେ କିଭଳି ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ଓ କୃଷି ଭବନକୁ ପ୍ରବେଶ କରିବାକୁ ଅନୁମତି ପାଇବେ ସେନେଇ ଗୃହ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ।

# ଗୋପାଳପୁର ବେଳାଭୂମିରେ ଆଡଭେଞ୍ଚର ପାର୍କ




ଗଞ୍ଜାମ: ଗୋପାଳପୁର ବେଳାଭୂମିରେ ଉଦଘାଟିତ ହେଲା ଆଡଭେଞ୍ଚର ପାର୍କ । ଏହାକୁ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଏହି ପାର୍କ ପର୍ଯ୍ୟଟନ ବିକାଶରେ ସହାୟକ ହେବା ସହ ଯୁବପୀଢ଼ିଙ୍କୁ ଆକର୍ଷିତ କରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଆଡଭେଞ୍ଚର ପାର୍କରେ ଅନେକ ଦୁଃସାହସିକ କ୍ରିଡ଼ାର ମଜା ଉଠାଇ ପାରିବେ ପର୍ଯ୍ୟଟକ। ପ୍ରଥମ କରି ଏଠାରେ ୨୫୦ ମିଟର ଲମ୍ବର ରିଭର କ୍ରସିଂ ଜିପ୍ ବିକଶିତ କରାଯାଇଛି । ଏହାସହ ଗନ୍ ସୁଟ୍, ବିଶାଳ ଝୁଲା, ବଗି ଟ୍ରମ୍ପଲିନ୍, ବୁଲ୍ ରାଇଡର, ନେଟ୍ କ୍ରିକେଟର ମଜା ଲୁଟିପାରିବେ ଲୋକେ । ଏହାଛଡା ରକ୍ କ୍ଲାଇମ୍ବିଂ, ରୋପ ଓ୍ୱେ, ଡାନ୍ସିଂ କାର୍, ଜୋରବିଙ୍ଗ୍ ପରି ଅନେକ ଦୁଃସାହସିକ କ୍ରୀଡାର ସୁବିଧା ରହିଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କ ପାଇଁ ରହିଛି ଭଳିକି ଭଳି ସୁବିଧା। ଉଦଘାଟନ ଅବସରରେ ୫-ଟି ସଚିବଙ୍କ ସହ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଓ ଗଞ୍ଜାମ ଜିଲ୍ଲାପାଳ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ: ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବସିବ ଗୃହ କମିଟି ବୈଠକ

ଭୁବନେଶ୍ୱର: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ବାଚ୍‌ସ୍ପତିଙ୍କ ଅଧ୍ୟକ୍ଷତାରେ ବସିବ ଗୃହ କମିଟି ବୈଠକ । ଆଇନ, ପୂର୍ତ୍ତ ଓ ଅନ୍ୟ ବିଭାଗ ସହ ଆଲୋଚନା କରିବେ ବାଚ୍‌ସ୍ପତି। ସେପଟେ କୋର୍ଟରେ ମାମଲା ବିଚାରାଧୀନ ରହିଛି । ଏହି ସମୟରେ ଗୃହ କମିଟି ପୁରୀ ଗସ୍ତ କରିବ କି ନାହିଁ, ସେନେଇ ଆଲୋଚନା କରାଯିବ। ସବୁ ଦିଗକୁ ବିଚାର କରି କମିଟି ଯିବା ନେଇ ତାରିଖ ସ୍ଥିର ହେବ ବୋଲି ବାଚ୍‌ସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଅଭିଯୋଗ ପରେ ମାର୍ଚ୍ଚ ୩୧ରେ ବାଚ୍‌ସ୍ପତିଙ୍କ ଅଧ୍ୟକ୍ଷତାରେ ୮ଜଣିଆ ଗୃହ କମିଟି ଗଠନ କରାଯାଇଥିଲା। କମିଟି ପୁରୀ ଯାଇ ଅନୁଧ୍ୟାନ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ବିଧାନସଭାର ଗୃହ କମିଟିରେ ବାଚ୍‌ସ୍ପତିଙ୍କ ସହ ଆଇନମନ୍ତ୍ରୀ ପ୍ରତାପ ଜେନା, ସଂସଦୀୟ ବ୍ୟାପର ମନ୍ତ୍ରୀ ବିକ୍ରମ ଆରୁଖ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ମହାପାତ୍ର, ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ସଦସ୍ୟ ଅଛନ୍ତି

# ଓଡିଶାରେ ରାଜପଥ ସଂପ୍ରସାରଣ ପାଇଁ ୮୨୩ କୋଟି ମଞ୍ଜୁର କଲା କେନ୍ଦ୍ର




ନୂଆଦିଲ୍ଲୀ: ଓଡିଶାରେ ଜାତୀୟ ରାଜପଥର ସଂପ୍ରସାରଣ ପାଇଁ କେନ୍ଦ୍ର ସରକାର ୮୨୩ କୋଟି (୮୨୨.୬୨ କୋଟି) ଟଙ୍କା ମଞ୍ଜୁର କରିଛନ୍ତି। କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ବିଭାଗ ମନ୍ତ୍ରୀ ନୀତିନ ଗଡକରୀ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୩୨୬ରେ ରାସ୍ତା ଚଉଡା ଏବଂ ସୁଦୃଢ଼ୀକରଣ କାର୍ଯ୍ୟ ପାଇଁ ଉକ୍ତ ଅର୍ଥ ଦିଆଯାଇଛି। ଜାତୀୟ ରାଜପଥ ୩୨୬ର ଦେଓଗାଓଁରୁ ପଦମାରି ମଧ୍ୟରେ ୨ ଲେନ୍ ରାସ୍ତାର ସଂପ୍ରସାରଣ ଓ ସୁଦୃଢ଼ୀକରଣହେବ। ଏଥିପାଇଁ ୧୮୬.୫୨ କୋଟି ଟଙ୍କା ଦିଆଯାଇଛି। ସେହିଭଳି ଜାତୀୟ ରାଜପଥ ୩୨୬ର କୁଆଖିଆରୁ ମଙ୍ଗଳପୁର ମଧ୍ୟରେ ହେବାକୁ ଥିବା ସଂପ୍ରସାରଣ ପାଇଁ ୬୩୬.୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଦୁଇ ଲେନ ବିଶିଷ୍ଟ ରାସ୍ତାକୁ ୪ ଲେନ ଏବଂ ଗୋଟିଏ ଲେନ ବିଶିଷ୍ଟ ରାସ୍ତାକୁ ଦୁଇ ଲେନ୍‌ରେ ପରିଣତ କରାଯିବ।

# ଚାଲିଗଲେ କମଳ ଦେଶ ରାଜକୁମାର

ଭୁବନେଶ୍ୱର: ଆଉ ଶୁଣିବାକୁ ମିଳିବନି 'କମଳ ଦେଶ ରାଜକୁମାର ମୁଁ ହାତରେ ପୁଷ୍ପଧନୁଟ' । ନିଜର ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ପର କରି ଅଫେରା ରାଇଜକୁ ଚାଲି ଯାଇଛନ୍ତି ଲକ୍ଷେ ରାଜାର ମଉଡମଣି ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କର। ତାଙ୍କ ନିଧନରେ ଓଡିଶା ସଙ୍ଗୀତ ଜଗତ ସ୍ତବ୍ଧ ହୋଇଯାଇଛି। ଦୀର୍ଘ ୬ ଦଶନ୍ଧି ଧରି ଓଡିଆ ସଙ୍ଗୀତ ଦୁନିଆକୁ ଆଚ୍ଛାଦିତ କରି ରଖିଥିବା ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କ ପରଲୋକରେ ସବୁ ମହଲରେ ଶୋକର ଛାୟା ଖେଳିଯାଇଛି। ଆଜି ଦିନରେ ବେଶ୍ ସ୍ୱାଭାବିକ ଥିଲେ ପ୍ରଫୁଲ୍ଲ କର। ନିଜର ଦୈନନ୍ଦିନ କାର୍ଯ୍ୟ ସ୍ୱାଭାବିକ କରିଥିଲେ। ରାତି ପ୍ରାୟ ୯ଟାରେ ରାତ୍ରି ଭୋଜନ କରି ବିଶ୍ରାମ ନେଇଥିଲେ। ପ୍ରାୟ ସାଢ଼େ ୯ଟା ବେଳକୁ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ଅକ୍ସିଜେନ୍ ସ୍ତର ହଠାତ୍ କମିଯାଇଥିଲା। ଏହାର କିଛି ସମୟ ଭିତରେ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ମନୋରମା କର, ଦୁଇ ପୁଅ ମହାଦୀପ ଓ ମହାପ୍ରସାଦଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କୁ ୮୩ ବର୍ଷ ହୋଇଥିଲା। ତାଙ୍କ ପରଲୋକ ଖବର ପାଇ ବନ୍ଧୁ, ଶୁଭେଚ୍ଛୁମାନେ ତାଙ୍କ ସତ୍ୟନଗରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

୧୯୩୯ ଫେବୃଆରୀ ୧୬ରେ ପୁରୀଠାରେ ପ୍ରଫୁଲ୍ଲ କର ଜନ୍ମଗ୍ରହଣ କରିଥିଲେ। ବୈଦ୍ୟନାଥ କର ଓ ସୁଶିଳା କରଙ୍କ ପୁତ୍ର ପ୍ରଫୁଲ୍ଲଙ୍କ ପରିବାର ସଙ୍ଗୀତମୟ ଥିଲା। ତାଙ୍କ ପିତାଙ୍କ ବଡ଼ ଭାଇ କ୍ଷେତ୍ରମୋହନ କର ଜଣେ ତବଲା ବାଦକ ଥିବାରୁ ବିଶିଷ୍ଟ କଳାକାରମାନେ ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ବାଲ୍ୟକାଳରୁ ପ୍ରଫୁଲ୍ଲ କର ଏହି ସବୁ ସଙ୍ଗୀତଜ୍ଞଙ୍କୁ ଶୁଣିବାର ସୁଯୋଗ ପାଇଥିଲେ। ଯାହାର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ପିଲାବେଳୁ ସେ ନିଜ ପିତାଙ୍କୁ ହରାଇଥିଲେ ଏବଂ ମାମୁଁ ଘରେ ତାଙ୍କର ଲାଳନପାଳନ ହୋଇଥିଲା। ଅଜା ଭଗବାନ ମିଶ୍ର ଓ ଆଇ ଅପର୍ଣ୍ଣା ଦେବୀଙ୍କ ଦ୍ୱାରା ଏକ ବୌଦ୍ଧିକ ଓ



ଧାର୍ମିକ ପରିବେଶରେ ବଢିଥିଲେ। ପୁରୀର ଗଦାଧର ହାଇସ୍କୁଲ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସେ ଶିକ୍ଷାଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ କଳା ଓ ଆଇନରେ ସ୍ନାତକ ଉପାଧି ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଅଖିଳ ଭାରତୀୟ ଗନ୍ଧର୍ବ ମହାବିଦ୍ୟାଳୟ, ମହାରାଷ୍ଟ୍ରରୁ ଗୁରୁ ମାର୍କଣ୍ଡେୟ ମହାପାତ୍ର, ପଣ୍ଡିତ କେ. ଆଦିନାରାୟଣ, ପଣ୍ଡିତ ଜେ ଭି ଏସ ରାଓ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ସଂଗୀତ ବିଶାରଦ ଉପାଧି ହାସଲ କରିଥିଲେ। ମାତ୍ର ୨୧ ବର୍ଷ ବୟସରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀର ମାନ୍ୟତା ପାଇଥିଲେ ପ୍ରଫୁଲ୍ଲ କର। ଏହା ପରେ ତାଙ୍କର ସଙ୍ଗୀତ ଯାତ୍ରା ଆରମ୍ଭ ହୋଇଥିଲା। ଜଣେ ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ। ଗୀତ ରଚନାରେ ସେ ଯେମିତି ସିଦ୍ଧହସ୍ତ ଥିଲେ, ତାହାକୁ ସଙ୍ଗୀତରେ ସଜାଇ ଓଡିଆ ଶ୍ରୋତାଙ୍କୁ ଚମତ୍କାର ଭେଟି ଦେଇଥିଲେ। ପୁଣି କଣ୍ଠଶିଳ୍ପୀ ଭାବେ ତାଙ୍କର ନିଆରା ସ୍ୱର ଶ୍ରୋତାଙ୍କ ମନରେ ନିଆରା ଛାପ ଛାଡିଥିଲା। ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ମମତା'ରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ଓଡିଆ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶନାରେ ପାଦ ଥାପିଥିଲେ। ପ୍ରଥମ ଚଳଚ୍ଚିତ୍ରର ଆଠଟି ଯାକ ଗୀତ ସୁପରହିଟ୍ ହେବା ସହ ରାଜ୍ୟରେ ଚହଳ ସୃଷ୍ଟି କରିଥିଲେ ଶ୍ରୀ କର। ଏହା ପରେ ଓଡିଆ ସଙ୍ଗୀତ ଜଗତରେ ସେ ବହୁ ବର୍ଷ ଧରି ଆଧିପତ୍ୟ ଜାହିର କରିଥିଲେ। ପ୍ରାୟ ୭୦ରୁ ଅଧିକ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସେ ଓଡିଆ ସଙ୍ଗୀତ ଭଣ୍ଡାରକୁ ପ୍ରାଚୁର୍ଯ୍ୟମୟ କରିଥିଲେ।

ଓଡିଆ ସଙ୍ଗୀତରେ ବହୁ ପରୀକ୍ଷାନିରୀକ୍ଷା କରିଥିଲେ ପ୍ରଫୁଲ୍ଲ କର। ବହୁ ପ୍ରସିଦ୍ଧ ସାହିତ୍ୟିକଙ୍କ କାଳଜୟୀ କବିତାକୁ ସେ ଗୀତର ରୂପ ଦେଇ ସଙ୍ଗୀତରେ ସଜାଇଥିଲେ। ସେଗୁଡିକ ମଧ୍ୟ ଶ୍ରୋତାଙ୍କ ମହଲରେ ବେଶ୍ ଆଦୃତି ଲାଭ କରିଥିଲା। ଦୃଷ୍ଟିହୀନ ପିଲାଙ୍କୁ ନେଇ ସେ 'କୃତାଞ୍ଜଳି' ନାମରେ ଏକ କ୍ୟାସେଟ୍ କରିଥିଲେ। ଏହା ବେଶ୍ ଲୋକପ୍ରିୟ ହୋଇଥିଲା। ଶ୍ରୀ କର ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ୬ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ। ତାଙ୍କ ନିର୍ଦ୍ଦେଶନାରେ ଗୀତ ଗାଇ ବହୁ କଣ୍ଠଶିଳ୍ପୀ ରାଜ୍ୟ ପୁରସ୍କାର ମଧ୍ୟ ହାସଲ କରିଥିଲେ। ୨୦୦୪ ମସିହାରେ ଓଡିଆ ଚଳଚ୍ଚିତ୍ର ଜଗତର ଶ୍ରେଷ୍ଠ ସମ୍ମାନ 'ଜୟଦେବ ପୁରସ୍କାର' ସେ ଲାଭ କରିଥିଲେ। ୨୦୧୫ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ସଙ୍ଗୀତକୁ ନେଇ ପରୀକ୍ଷା ନିରୀକ୍ଷା ଜାରି ରଖିଥିଲେ।

# ୧୨ ହଜାର ଗାଁକୁ ବାଲ୍ୟ ବିବାହ ମୁକ୍ତ କଲା 'ଅଦ୍ୱିକା'

ଭୁବନେଶ୍ୱର: ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ଗତ ଗୋଟିଏ ବର୍ଷ ମଧ୍ୟରେ ୧୭୩୭ ବାଲ୍ୟ ବିବାହ ରୋକାଯିବା ସହିତ ୧୨ ହଜାର ଗାଁକୁ ବାଲ୍ୟ ବିବାହ ମୁକ୍ତ ଗାଁ ଭାବରେ ଘୋଷଣା କରାଯାଇଛି। ଅଦ୍ୟବିଧି ବାଲ୍ୟ ବିବାହରୁ ଉଦ୍ଧାର କରାଯାଇଥିବା ୧୭ରୁ ୧୯ ବର୍ଷର ୧୩ ହଜାର ୬୧୪ ଜଣ କିଶୋର-କିଶୋରୀଙ୍କୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, କୌଶଳ ମିସନ ଜରିଆରେ ସ୍ୱାବଲମ୍ବୀ କରାଯାଇଛି। ମହିଳା-ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଅଦ୍ୱିକା ଆପ୍‌ର ଉନ୍‌ମୋଚନ ଅବସରରେ ଏହି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସଶକ୍ତ



ହେଲେ ୨୦୩୦ ସୁଦ୍ଧା ଓଡ଼ିଶା ବାଲ୍ୟ ବିବାହ ମୁକ୍ତ ହୋଇ ପାରିବ ବୋଲି କହିଛନ୍ତି ମହିଳା-ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଟୁକୁନି ସାହୁ। ସେ କହିଛନ୍ତି, ୨୦୨୦ ମସିହା ଅକ୍ଟୋବରରେ ଏହାର ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୧୨ ଲକ୍ଷ କିଶୋର-କିଶୋରୀଙ୍କୁ ସାମିଲ କରାଯାଇଛି। ଯେଉଁଥିରେ ସେମାନଙ୍କ ଦକ୍ଷତା ଶିକ୍ଷା, ଜୀବନ କୌଶଳ ଆଦିରେ ଉନ୍ନତି ହୋଇ ପାରିଛି। ଆଗାମୀ ଦିନରେ କିଶୋରମାନଙ୍କ ବିକାଶ ପାଇଁ ମିସନ ପୋଷଣ, ମିଶନ ଶକ୍ତି, ମିସନ ବାତ୍ସଲ୍ୟ ଭଳି ଯୋଜନା ପ୍ରସ୍ତୁତ ହୋଇଥିବା ବିଭାଗୀୟ କମିସନର ଭାସ୍କର ଜ୍ୟୋତି ଶର୍ମା କହିଛନ୍ତି। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୟୁନିସେଫ ଭାରତର ଯୁଓ୍ୱାହ ମୁଖ୍ୟ ଧୂଓ୍ୱାରାଖା ଶ୍ରୀରାମ, ମାଇକ୍ରୋସଫ୍ଟ ଫିଲାନଥ୍ରୋପିର ନିର୍ଦ୍ଦେଶକ ମଞ୍ଜୁ ଦାସମାନା ମଧ୍ୟ ବକ୍ତବ୍ୟ ଦେଇଥିଲେ।

# ଶଙ୍ଖ ଧରିଲେ ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ



ଭୁବନେଶ୍ୱର : ବିଜେଡି ଶିବିରରେ ହିଞ୍ଜିଳିକାଟୁର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଦେବାନନ୍ଦ ମହାପାତ୍ର । ବିଧିବଦ୍ଧ ଭାବେ ସେ ବିଜେଡିରେ ଯୋଗ ଦେଇଛନ୍ତି । ଦେବାନନ୍ଦ ମହାପାତ୍ର ଓ ତାଙ୍କ ସମର୍ଥକଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ପୌର ଓ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ୯୦ ପ୍ରତିଶତ ସଫଳତା ମିଳିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ପ୍ରତିଫଳନ ଫଳାଫଳରେ ଦେଖିବାକୁ ମିଳିଛି। ୨୪ ଘଣ୍ଟା ସେ ଲୋକଙ୍କ ପାଇଁ କାମ କରୁଛନ୍ତି । ତେଣୁ ବିଜେପି ଓ କଂଗ୍ରେସ ନେତା ଦଳ ଛାଡ଼ି ବିଜେଡିକୁ ଆସୁଛନ୍ତି । ହିଞ୍ଜିଳିକାଟୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀ। ଅନ୍ୟ ସବୁଠି ବି ସେପରି କାମ ଚାଲିଛି । ବିଜେଡିରେ ମାନ ସମ୍ମାନ ଓ ଅଭିମାନ କାଏମ ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ସନ୍ଦେଶ ଥିବା ପ୍ରଣବ କହିଛନ୍ତି । ଦେବାନନ୍ଦ ମହାପାତ୍ର ବିଜେପିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ଦଳର କିଛି ଶୀର୍ଷସ୍ତରୀୟ ନେତା ତୃଣମୂଳ କର୍ମୀଙ୍କୁ ଅଣଦେଖା ଓ ଜନବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜେପି ଛାଡି ବିଜେଡିରେ ଯୋଗ ଦେଇଛନ୍ତି । ୧୯୮୮ରୁ ସେ ବିଜେପିରେ ଯୋଗ ଦେଇଥିଲେ । ୨୦୦୯ ଓ ୨୦୧୪ରେ ହିଞ୍ଜିଳିକାଟୁ ବିଧାନସଭା ଆସନରେ ବିଜେପିର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ ।

# ବଦଳିବ ଶ୍ରୀନୀଳମାଧବ ପୀଠର ଚେହେରା

ନୟାଗଡ଼ : ବହୁଦିନର ଦାବି ପରେ ଶେଷରେ କଣ୍ଟିଲୋ ନୀଳମାଧବ ପୀଠର ବିକାଶ କାମହାତକୁ ନେବାକୁ ଯାଉଛନ୍ତି ରାଜ୍ୟ ସରକାର। ବ୍ରହ୍ମାଦି ପାହାଡ ଉପରେ ଅବସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ନୀଳମାଧବ ପୀଠର ବିକାଶ ସହ ଏହି ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି। ଓଡିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ ନୀଳମାଧବ ମନ୍ଦିର ଗସ୍ତରେ ଆସି ଏହାର ବିକାଶ ସଂପର୍କରେ ବରିଷ୍ଠ ଅଧିକାରୀ ଓ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ମନ୍ଦିର ଚାରି ପାଖରେ ପ୍ରାରମ୍ଭିକ ଭାବେ ୬୫ ପରିବାରକୁ ଏଥିପାଇଁ ଉଚ୍ଛେଦ କରାଯିବ । ସେମାନଙ୍କ ମଧ୍ୟରୁ ଅଧିକାଂଶ ସେବାୟତ ପରିବାର ହୋଇଥିବାରୁ ଶ୍ରୀ ପାଣ୍ଡିଆନ୍ ସେମାନଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଛନ୍ତି। ସେ ଏହି ଅବସରରେ ଉପସ୍ଥିତ ଲୋକ ଏବଂ ବୁଦ୍ଧିଜୀବୀଙ୍କୁ ଏହି ସୁନ୍ଦର ପୀଠର ପୁନଃନିର୍ମାଣ ଦିଗରେ ରାଜ୍ୟ ସରକାର



ସମସ୍ତ ସହଯୋଗ କରିବେ ବୋଲି ସୂଚନା ଦେବା ସହିତ ଆବଶ୍ୟକ ଅନୁମୋଦନ ମିଳିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଶ୍ରୀ ପାଣ୍ଡିଆନ୍ କଣ୍ଟିଲୋରେ ପହଞ୍ଚିବା ପରେ ନୟାଗଡ ଜିଲ୍ଲାପାଳ ଡ. ପୋମା ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିଆ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ଚାଲି ଚାଲି ପଶ୍ଚିମଦ୍ୱାର ଦେଇ ସେ ନୀଳମାଧବ ମନ୍ଦିରରେ ପ୍ରବେଶ କରିଥିଲେ। ଠାକୁରଙ୍କୁ ଦର୍ଶନ କରି ଆର୍ଶୀବାଦ ଲାଭ କରିବା ସହ ସେବାୟତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଶ୍ରୀନୀଳମାଧବ ମନ୍ଦିରରେ ଉପସ୍ଥିତ ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ପ୍ରସ୍ତୁତ କରାଯାଇଥିବା ନକ୍ସା ଅନୁଯାୟୀ ଭିତ୍ତିଭୂମି ବିକାଶ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ପୂର୍ତ୍ତ, ଜଳସଂପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତଥିଲେ।

# ରାଜ୍ୟ ସରକାର-ବିପିସିଏଲ୍ ଏମ୍‌ଓୟୁ : ପ୍ରତିଷ୍ଠା ହେବ ସବୁଜ ହାଇଡ୍ରୋଜେନ୍ ପ୍ଲାଣ୍ଟ୍

ଭୁବନେଶ୍ୱର : ରାଜ୍ୟରେ ପ୍ରତିଷ୍ଠା ହେବ ସବୁଜ ହାଇଡ୍ରୋଜେନ୍ ପ୍ଲାଣ୍ଟ। ଉଭୟ ଘରୋଇ ଓ ରପ୍ତାନୀ କ୍ଷେତ୍ର ପାଇଁ ଏହାକୁ ପ୍ରତିଷ୍ଠା କରାଯିବ। ଏଥିପାଇଁ ଇପିକଲ ଓ ବିପିସିଏଲ ମଧ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସବୁଜ ହାଇଡ୍ରୋଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ରାଜ୍ୟରେ ଥିବା ଭାରୀ ଶିଳ୍ପାନୁଷ୍ଠାନମାନଙ୍କରେ ଅଣ-ଜୀବାଶ୍ମ ଶକ୍ତି କ୍ଷେତ୍ରକୁ ଏହା ସହାୟକ ହେବା ସହିତ ସବୁଜ ଗ୍ୟାସ୍ ନିର୍ଗମନ ହ୍ରାସ କରିବାରେ ଫଳପ୍ରଦ ହୋଇପାରିବ। ଆସନ୍ତା ୨୦୪୦ ସୁଦ୍ଧା ସୋଲାର, ପବନ ଓ କ୍ଷୁଦ୍ର ଜଳ ଓ ବାଇଓମାସ୍ ସହାୟତାରେ ୧୦ ଗିଗାଓ୍ୱାଟ୍ କ୍ଷମତାସଂପନ୍ନ ଅକ୍ଷୟ ଶକ୍ତିର ଉତ୍ପାଦନ କରିବା ଲାଗି ବିପିସିଏଲ ଲକ୍ଷ୍ୟ ରଖିଥିବା କୁହାଯାଇଛି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ




କମିସନର ପ୍ରଦୀପ ଜେନା ଓ ବିପିସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅରୁଣ କୁମାର ସିଂଙ୍କ ଉପସ୍ଥିତିରେ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆ ଓ ବିପିସିଏଲର ନିର୍ବାହୀ ନିର୍ଦ୍ଦେଶକ (ଅକ୍ଷୟ ଶକ୍ତି) ଅମିତ ଗର୍ଗ ଏହାକୁ ସ୍ୱାକ୍ଷର କରିଥିଲେ। ରାଜ୍ୟ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଏମ୍‌ଓୟୁର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଇଥାନଲ, ସୋଲାର ଓ ହାଇଡ୍ରୋଜେନ୍‌ରୁ ସବୁଜ ଶକ୍ତି ଉତ୍ପାଦନରେ ଓଡିଶାରେ ଉଚ୍ଚ ସମ୍ଭାବନା ରହିଛି। ସବୁଜ ଶକ୍ତି ପ୍ରକଳ୍ପକୁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଆଗକୁ ନେବାକୁ ଇଚ୍ଛୁକ। ରାଜ୍ୟରେ ଏସବୁ ପ୍ରକଳ୍ପର କାର୍ଯ୍ୟକାରୀ ଦିଗରେ ବିପିସିଏଲ ସମସ୍ତ ପ୍ରକାର ସହାୟତା ଯୋଗାଇଦେବ ବୋଲି ସେ କହିଥିଲେ। ଉନ୍ନୟନ କମିଶନର ଶ୍ରୀ ଜେନା କହିଥିଲେ, ଧାତୁ ଓ ପେଟ୍ରୋକେମିକାଲ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ କାର୍ବନ୍‌ର ପ୍ରଭାବକୁ ହ୍ରାସ କରିବା ଲାଗି ଅଧିକରୁ ଅଧିକ ସବୁଜ ଶକ୍ତି ଉତ୍ପାଦନ ଓ ବ୍ୟବହାରକୁ ଗୁରୁତ୍ୱ ଦିଆଯିବା ଜରୁରୀ ବୋଲି ସେ କହିଛନ୍ତି। ବିପିସିଏଲର ଶ୍ରୀ ସିଂ କହିଥିଲେ, ଓଡିଶାର ଅନେକ ସ୍ଥାନରେ ସୋଲାର ଓ ଇଥାନଲ ଶକ୍ତି ଉତ୍ପାଦନ ପାଇଁ ଉଚ୍ଚ ସମ୍ଭାବନା ରହିଛି। ପ୍ରକଳ୍ପଗୁଡିକୁ ଧାର୍ଯ୍ୟ ସମୟ ଭିତରେ ଏସବୁ ପ୍ରକଳ୍ପ ଶେଷ ହେବ ବୋଲି ଆଶା କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜବିହାରୀ ଧଳ, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ, ବିପିସିଏଲର ରିଟେଲ ମୁଖ୍ୟ ଦେବାଶିଷ ନାଏକ, ରାଜ୍ୟ ମୁଖ୍ୟ ପ୍ରିୟଦର୍ଶୀ ନନ୍ଦଙ୍କ ସମେତ ରାଜ୍ୟ ସରକାର ଓ ବିପିସିଏଲର ବହୁ ଅଧିକାରୀ ଉପସ୍ଥିତ ଥିଲେ।

ଓଡ଼ିଶା ସଙ୍କେତ
The Odisha Sanket



16- 30 April, 2022

## ସମ୍ପାଦକୀୟ...

ସବୁଥିରେ ଭଲ ଆଉ ମନ୍ଦ ଅଛି। ଆମର କାମ ହେଲା ସୂର୍ଯ୍ୟଙ୍କ ପରି ସବୁଥିରୁ ଭଲକୁ ଗ୍ରହଣ କରିବା। କିଶୋରାବସ୍ଥାରେ ଏହା କେବଳ ସମ୍ଭବ ହୋଇପାରିବ, ଯଦି ଗୁରୁଜନ ପିଲାଟିକୁ ସଠିକ୍ ମାର୍ଗ ଦେଖାଇଦେଇପାରିବେ। ଏବର ସମୟ ଡିଜିଟାଲ ଯୁଗ। ସମସ୍ତଙ୍କ ହାତ ପାପୁଲିରେ ସାରା ବିଶ୍ୱର ଖବର ମିଳିବାରେ କିଛି ଅସୁବିଧା ନାହିଁ। ଛାତ୍ର ଓ ଯୁବକମାନେ ଏଥିରେ ସଂପୂର୍ଣ୍ଣ ଅଭ୍ୟସ୍ତ ହୋଇଗଲେଣି। ଯଦି ଆମେ ଟିକେ ପଛକୁ ଫେରିଦେଖିବା ଜଣେ ସାଧାରଣ ବ୍ୟକ୍ତିଟି କିଭଳି ଦୁଇଟି ନାଟକର ପ୍ରଭାବରେ ଜଣେ ଅସାଧାରଣ ବ୍ୟକ୍ତିରେ ପରିଣତ ହୋଇପାରିଥିଲେ। ନାଟକ ଦୁଇଟି ଥିଲା 'ହରିଶ୍ଚନ୍ଦ୍ର' ଓ 'ଶ୍ରବଣକୁମାର'। ତେବେ ଏବର ପିଲାଟି ଛୋଟବେଳୁ ଟିଭି ଏବଂ ସ୍ମାର୍ଟଫୋନ୍‌ରେ ଅନେକ କିଛି ଦେଖୁଛି। ତେଣୁ ଆଗାମୀ ଦିନରେ ସିଏ କ'ଣ ହେବ ତାହା ଆମକୁ ଚିନ୍ତା କରିବାର ଅଛି। ଏଇଠି ବାପା, ମା, ପରିବାର ଏବଂ ଗୁରୁଜନମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମକୁ ପିଲାଟି ସାଙ୍ଗରେ ସାଙ୍ଗହେବାକୁ ପଡ଼ିବ ଏବଂ ତାକୁ ସଠିକ ମାର୍ଗରେ ନେବାକୁ ହେବ, ଏହାର ଅର୍ଥ ନୁହେଁ ଆମେ ନିଜେ ଅତୀତରେ ଯାହା କରିପାରିନଥିଲେ ଆମ ପିଲାଟିକୁ ସେଇଆ କରିବାର ସ୍ୱପ୍ନ ତା' ଉପରେ ଜବରଦସ୍ତ ଲଦିଦେବା। ସବୁ ମଣିଷ ଭିନ୍ନ। ତେଣୁ ଆମକୁ ପରଖିବାକୁ ପଡ଼ିବ ତା'ର ଇଚ୍ଛା କ'ଣ ? ସବୁଠୁ ବଡ଼କଥା ହେଲା କିଭଳି ଭାବେ ଆମେ ତା' ସହ ନିଜର ହୋଇ ଭଲକଥା ଗୁଡ଼ିକ ତାକୁ ଶିଖାଇବା। ଅନେକ ସମୟ ତା' ସହ ବିତାଇବାକୁ ପଡ଼ିବ, କାରଣ ସେମାନେ ହିଁ ଆଗାମୀ ଭବିଷ୍ୟତ.... ଏକ ନୂଆ ପିଢ଼ି... ଏବଂ ତା'ର ଦାୟିତ୍ୱ ଆମ ଉପରେ। ଅନେକ ସମୟରେ ଗପ, ଖେଳ, ନାଚ, ଗୀତ ମାଧ୍ୟମରେ ଯୁବପିଢ଼ିକୁ ଚାପମୁକ୍ତ ରଖି ସଠିକ ମାର୍ଗ ଦେଖାଇବାକୁ ପଡ଼ିବ। କେବଳ ସାର୍ଟିଫିକେଟ୍ ପାଇଁ ହେଉଥିବା ପରୀକ୍ଷା ତା'ର ମେଧାକୁ ମୂଲ୍ୟାଙ୍କନ କରିବାର ମାନକ ନହେଉ। ବିଶେଷ କରି ଛାତ୍ର ଯୁବକମାନଙ୍କୁ କର୍ମାଭିମୁଖୀ କରିବାର ପ୍ରୟାସ ନିଜ ପରିବାରରୁ ହିଁ ଆରମ୍ଭ ହେଉ, ନଚେତ୍ ଭବିଷ୍ୟତ ବଂଶଧର ନିର୍ଭରଶୀଳ ହୋଇ ବିପଥଗାମୀ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଆମେ ସମସ୍ତେ ସବୁ ସମୟରେ ସୁନ୍ଦର ସମାଜ ଗଠନ ପାଇଁ ଚେଷ୍ଟା ନକରି କାହା ଉପରେ ନିର୍ଭର କଲେ ତା'ର କୁପରିଣାମ ଆମକୁ ଭୋଗ କରିବାକୁ ପଡ଼ିବ। ସମୟ ଅଛି... ଆମକୁ ସଚେତନ ହେବାକୁ ପଡ଼ିବ ଏବଂ ଏକ କର୍ମାଭିମୁଖୀ ସମାଜ ଗଠନ ପାଇଁ ସମସ୍ତଙ୍କୁ ସବୁଠାରୁ କେବଳ ଭଲ କଥାକୁ ଶିଖିବା ଏବଂ ଶିଖାଇବାକୁ ପଡ଼ିବ।

ଜୟ ଜଗନ୍ନାଥ, ଜୟ ମା ଶାରଳା,
ବନ୍ଦେ ଉତ୍କଳ ଜନନୀ ।

### ନୀତିବାଣୀ

ନିରବତା ଏବଂ ଧୈର୍ଯ୍ୟଠାରୁ ବଡ଼ କୌଣସି ଗୁଣ ନାହିଁ। ନିରବତା ଦ୍ୱାରା ସମସ୍ତ ପରିସ୍ଥିତିକୁ ସାମ୍ନା କରାଯାଇପାରେ ଏବଂ ଧୈର୍ଯ୍ୟ ଦ୍ୱାରା ସମସ୍ତ ବିପଦକୁ ପାରି କରାଯାଇପାରେ।

# ଦୈନିକ ଦରବୃଦ୍ଧି ଓ ବ୍ୟାଙ୍କ ଲୁଣ୍ଠନ



ରବି ଦାସ

କେନ୍ଦ୍ର ସରକାର ଗତ ଦୁଇ ସପ୍ତାହରେ ପ୍ରାୟ ୧୨ଦିନ ପେଟ୍ରୋଲ ଓ ଡିଜେଲ୍‌ର ଦରବୃଦ୍ଧି ଯେପରି ଭାବରେ ତୈଳ କମ୍ପାନୀମାନେ କରୁଛନ୍ତି ସେଥିରେ ପ୍ରତ୍ୟେକ ଲୋକର ଜୀବନ ଜୀବିକା ଉପରେ ସିଧାସଳଖ ପ୍ରଭାବ ପଡୁଛି। ପାଂଚୋଟି ରାଜ୍ୟରେ ବିଧାନସଭା ନିର୍ବାଚନ ଦୃଷ୍ଟିରୁ ଚାରିମାସ କାଳ ତୈଳ ଦର ବୃଦ୍ଧି ଉପରେ କେନ୍ଦ୍ର ସରକାର ଅଙ୍କୁଶ ଲଗାଇଥିଲେ ଓ ଥରୁଟିଏ ଟିକସ କମାଇ ତେଲ ଦର ହ୍ରାସ ମଧ୍ୟ କରିଥିଲେ। କିନ୍ତୁ ନିର୍ବାଚନ ପରେ ପରେ ପ୍ରତ୍ୟେକ ଦିନ ତୈଳ ଦର ବୃଦ୍ଧିର ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ସେଥିରେ ୧୫ଦିନ ଭିତରେ ଡିଜେଲ୍ ଓ ପେଟ୍ରୋଲ ଦର ଲିଟର ପିଛା ୯ଟଙ୍କା ବୃଦ୍ଧି ପାଇସାରିଲାଣି। ଏହା ସହିତ ଏଲ୍‌ପିଜି, ସିଏନ୍‌ଜି ଓ ପିଏନ୍‌ଜି ଦର ମଧ୍ୟ ବଢ଼ି ବଢ଼ି ଚାଲିଥିବାରୁ ଯାତାୟତ ଓ ପରିବହନ ମୂଲ୍ୟ ଅସମ୍ଭବ ଭାବେ ବଢ଼ିଥିବାରୁ ବଜାରରେ ପ୍ରତ୍ୟେକ ପଦାର୍ଥର ଦାମ୍ ବଢ଼ି ବଢ଼ି ଚାଲିଛି। ଏ ସଂକ୍ରାନ୍ତରେ ବ୍ୟବସାୟୀଙ୍କୁ ପଚାରିଲେ ସେମାନଙ୍କ ଗୋଟିଏ ଉତ୍ତର ହେଲା ଯେ, ପରିବହନ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଦରଦାମ୍ ବଢ଼ିବାକୁ ବାଧ୍ୟ। ତୈଳ ଦର ବୃଦ୍ଧି ସହିତ ଚାଷୀମାନଙ୍କ ପାଇଁ ଡିଏପି ରାସାୟନିକ ସାରର ମୂଲ୍ୟ ବ୍ୟାଗ୍ ପିଛା ୧୫୦ ଟଙ୍କା ଓ ଏନ୍‌ପି କେଏସ୍ ସାରର ବ୍ୟାଗ୍ ପିଛା ମୂଲ୍ୟ ୧୧୦ ଟଙ୍କା ବୃଦ୍ଧି କରାଯାଇଛି। ସରକାରଙ୍କର ଯୁକ୍ତି ହେଲା ଯେ, ନିର୍ବାଚନ ଯୋଗୁ ତେଲ ଦର୍ ବୃଦ୍ଧି କରାଯାଇନଥିବାରୁ ତୈଳ କମ୍ପାନୀମାନଙ୍କର ପ୍ରାୟ ୨୦ ହଜାର କୋଟି ଟଙ୍କାର ଯେଉଁ କ୍ଷତି ହୋଇଛି ତାହା ଭରଣା କରିବା ପାଇଁ ଏବେ ତୈଳ ଦର ବୃଦ୍ଧି କରାଯାଉଛି। ଆଶ୍ଚର୍ଯ୍ୟର କଥା ୟୁକ୍ରେନ୍ ଯୁଦ୍ଧ ସତ୍ତ୍ୱେ ଆନ୍ତର୍ଜାତିକ ବଜାରରେ ଅସୌଧିତ ତୈଳ ଦର ବ୍ୟାରେଲ୍ ପିଛା ୧୦୦ ଡଲାରରୁ କମ୍ ହୋଇଯାଇଛି। ତାହା ସତ୍ତ୍ୱେ ଭାରତରେ କାହିଁକି ଲଗାତାର ତୈଳ ଦର ବୃଦ୍ଧି କରାଯାଉଛି ତାହାର କାରଣ ଯଦି ଖୋଜାଯାଏ ତେବେ ଭୋଟ୍ ପାଇବା ପାଇଁ ମୂଲ୍ୟ ବୃଦ୍ଧିକୁ ରୋକାଯାଇଛି ବୋଲି ଧାରଣା ସୃଷ୍ଟି କରିବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହାର କୁପରିଣତି ଏବେ ଖାଉଟିମାନେ ଭୋଗ କରୁଛନ୍ତି। ତେଲ ଦର ବୃଦ୍ଧିର ପ୍ରଭାବ ସମସ୍ତପ୍ରକାର ଅତ୍ୟାବଶ୍ୟକୀୟ ପଦାର୍ଥ ଉପରେ ପଡୁଥିବାରୁ ଯେଉଁ ମୁଦ୍ରାସ୍ଫୀତିର ଲକ୍ଷ୍ୟ ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିଲେ ତାହା ଅତିକ୍ରମ କରିଛି। ସରକାର ଚାହିଁଲେ ପେଟ୍ରୋଲ ଓ ଡିଜେଲ୍ ଉପରୁ ଯେଉଁ ଅତ୍ୟଧିକ ପରିମାଣର ଅବକାରୀ ଶୁଳ୍କ ଆଦାୟ କରାଯାଉଛି ତାହାକୁ କମାଇ ପାରନ୍ତେ। କିନ୍ତୁ ସରକାରଙ୍କର ନିଜସ୍ୱ ଆର୍ଥିକ ଅବସ୍ଥାକୁ ସମ୍ଭାଳିବା ପାଇଁ ସିଧାସଳଖ ଭାବରେ ସାଧାରଣ ଲୋକମାନଙ୍କ ଉପରେ ତୈଳ ଦର ବୃଦ୍ଧିର ଚାପ ପକାଯାଇଛି। କିନ୍ତୁ ସରକାର କହୁଛନ୍ତି ଯେ, ଜିଏସ୍‌ଟି ଓ ପ୍ରତ୍ୟକ୍ଷ କରରୁ ଗତବର୍ଷ ରେକର୍ଡ ପରିମାଣର ଆଦାୟ ସମ୍ଭବ ହୋଇଛି। ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ମୂଲ୍ୟ ବୃଦ୍ଧି ପାଇ ଏବେ ତାହା ପ୍ରାୟ ୧୦୦୦ ଟଙ୍କାରେ ପହଁଚିଲାଣି। ଏପରିକି ଜାତୀୟ ରାଜପଥରେ ଆଦାୟ କରାଯାଉଥିବା ଟୋଲ୍ ଫି' ପରିମାଣ ପ୍ରାୟ ୧୦ରୁ ୧୮ ପ୍ରତିଶତ ବୃଦ୍ଧି କରାଯାଇଛି। ଏହାଛଡ଼ା ଅତ୍ୟାବଶ୍ୟକୀୟ ଔଷଧର ଦାମ୍ ମଧ୍ୟ ଏପ୍ରିଲ୍ ପହିଲାରୁ ବୃଦ୍ଧି କରିଦିଆଯିବା ଫଳରେ ଖାଉଟିମାନଙ୍କ ଉପରେ ୧୦ ହଜାର କୋଟି ଟଙ୍କାର ସିଧାସଳଖ ବୋଝ ଲଦିଦିଆଯାଇଛି। ସତେଯେପରି ଜଣାପଡୁଛି ଯେ ଖୋଦ୍ କେନ୍ଦ୍ର ସରକାର ହିଁ ଦରବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ଉତ୍ସାହିତ କରୁଛନ୍ତି। କରୋନା ପରବର୍ତ୍ତୀ ଅବସ୍ଥାରେ ଲୋକମାନଙ୍କର ଆୟ ସଂକୁଚି ହୋଇଥିବା ସମୟରେ ସବୁକ୍ଷେତ୍ରରେ ଦରବୃଦ୍ଧି ଗରିବ ଜନସାଧାରଣ, ମଧ୍ୟବିତ୍ତ ପରିବାର ଓ ସାଧାରଣ ଲୋକଙ୍କ ଉପରେ ଏପରି ଅନୁଭୂତ ହେଉଛି ଯେଉଁଠାରେ ସ୍ୱାଭିମାନ ଓ ଆତ୍ମସମ୍ମାନ ସହିତ ବଂଚିବା କଷ୍ଟକର ହୋଇପଡୁଛି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଆଉ ୬ମାସ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ପରିବାରମାନଙ୍କୁ ମାଗଣା ଚାଉଳ ଓ ଗହମ ଯୋଗାଇଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଉତ୍ତରପ୍ରଦେଶ ନିର୍ବାଚନରେ ଏହି କାରଣରୁ ଭୋଟ୍ ମିଳିଥିବାରୁ ନିର୍ବାଚନ ପରେ ଏହା ହଠାତ୍ ବନ୍ଦ କରିଦେଲେ ସମାଲୋଚନା ହେବା ଭାବି ମାଗଣା ଶସ୍ୟ ଯୋଜନାକୁ ଚାଲୁ ରଖିଛନ୍ତି। ଅବଶ୍ୟ ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱ ବଜାରରେ ଗହମ ଅଭାବ ଜନିତ କାରଣରୁ ଭାରତରୁ ଗହମ ରପ୍ତାନୀ ଓ ଲୋକାମାନଙ୍କୁ ମାଗଣା ଶସ୍ୟ କାର୍ଯ୍ୟକ୍ରମ ହେତୁ ଚାଷୀମାନଙ୍କର ଆୟ ବୃଦ୍ଧି ଘଟିପାରେ ବୋଲି ଅନୁମାନ କରାଯାଉଛି। କିନ୍ତୁ ମୋଟାମୋଟି ଭାବରେ ଭାରତରେ ଦରବୃଦ୍ଧି ଓ ମୁଦ୍ରାସ୍ଫୀତି ଯେଉଁ ସ୍ତରକୁ ଯାଉଛି ସେଥିରେ ନିୟନ୍ତ୍ରଣ ନଆସିଲେ କେବଳ ହିଜାବ, ମୁସଲିମ୍ ବ୍ୟବସାୟମାନଙ୍କୁ ଏବଂ ହଲାଲ ମାସଂବେପାରୀଙ୍କ ଉପରେ ବିବାଦ ସୃଷ୍ଟିକରି ଭାରତୀୟ ଜନମତକୁ ବହୁଦିନ ପର୍ଯ୍ୟନ୍ତ ବିଭ୍ରାନ୍ତ କରିବା ସମ୍ଭବ ହେବନାହିଁ। ବିଶେଷ ଭାବରେ କର୍ଣ୍ଣାଟକରେ ଚାଲିଥିବା ଏହି ମୁସଲିମ୍ ବିରୋଧୀ କାର୍ଯ୍ୟକ୍ରମ ନେଇ ଲୋକମାନଙ୍କ ଭିତରେ ବିଭେଦ ସୃଷ୍ଟି ଘଟଣା ଦେଶର ବିକାଶ ଓ ବିନିଯୋଗ ପଥରେ ଅନ୍ତରାୟ ସୃଷ୍ଟି କରିବ ବୋଲି ଖୋଦ୍ କିରଣ ମଜୁମଦାର ସ'ଙ୍କ ପରି ଜଣେ କର୍ପୋରେଟ୍ ମୁଖ୍ୟ ପ୍ରକାଶ କରିଛନ୍ତି।

ସରକାର ସାଧାରଣ ଲୋକମାନଙ୍କ ଠାରୁ ଟିକସ ଆଦାୟରେ ଅଗ୍ରଣୀ ଥିବା ସମୟରେ ନିକଟରେ ଇପିଏଫ୍ ଫଣ୍ଡର ସୁଧ ଉପରେ ଏକ ଟିକସ ଧାର୍ଯ୍ୟ କରିଛନ୍ତି। ଜଣେ କର୍ମଚାରୀ ବା ଶ୍ରମିକ ନିଜ ଆୟରୁ ଇପିଏଫ୍ ଜରିଆରେ ଯେଉଁ ସଂଚୟ କରୁଛି ତାହାର ସୁଧ ଉପରେ ଟିକସ ଶ୍ରମିକମାନଙ୍କୁ ବାଧିବ। ଅବଶ୍ୟ ପୂର୍ବରୁ କେନ୍ଦ୍ର ସରକାର ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାର ବ୍ୟାଙ୍କରେ ରିକରିଂ ଡିପୋଜିଟ୍ ଭାବରେ ଯେଉଁ ଜମା ରଖିଥିଲେ ତାହାର ଜମାର ସୁଧ ଉପରେ ମଧ୍ୟ ସରକାର ଟିକସ ଧାର୍ଯ୍ୟ କରିସାରିଛନ୍ତି। ଯେଉଁ ସରକାର ସାଧାରଣ ଲୋକଙ୍କ ଉପରେ ଟିକସ ଧାର୍ଯ୍ୟ କରିବାରେ ଏତେ ବ୍ୟଗ୍ର ସେହି ସରକାର ଅମଳରେ ଦେଶର ବ୍ୟାଙ୍କ ମାନଙ୍କରୁ ବିଶେଷ ଭାବରେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଓ ଜାତୀୟକରଣ ବ୍ୟାଙ୍କଗୁଡ଼ିକରୁ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ସବୁ ମାଫ କରିଦେବା ପାଇଁ ଏକ ଅଦ୍ଭୁତ କୌଶଳ ଅବଲମ୍ୱନ କରିଛନ୍ତି। ୨୦୧୬ ମସିହାରେ ଅର୍ଥାତ୍ ମୋଦୀ ସରକାର ଆସିବା ପରେ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଲୁଟ୍ ଓ ହେରଫେର କରୁଥିବା କମ୍ପାନୀମାନଙ୍କ ସହାୟତା ପାଇଁ 'ଇନ୍‌ସଲଭାନ୍ସି ବ୍ୟାଙ୍କରୁପ୍‌ସୀ କୋର୍ଡ୍ ଅଫ ଇଣ୍ଡିଆ' ନାମରେ ଏକ ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ଅନୁସାରେ ଯେଉଁ କମ୍ପାନୀ ହଜାର ହଜାର କୋଟି ଟଙ୍କାର ଋଣ ବ୍ୟାଙ୍କରୁ ନେଇଥିଲେ ମଧ୍ୟ ଯଦି ଦେବାଳିଆ ହୋଇଯାନ୍ତି ତେବେ ସେମାନେ ଏହି ଆଇନର ଆଶ୍ରୟ ନେବେ। ଏଥିରେ ଗତ ପାଂଚ ବର୍ଷରେ ୪୯୪୬ଟି ମାମଲା ଆସିଛି ଓ ୪୯୭ଟି ମାମଲାର ଫଇସଲା ହୋଇଛି। ଏହି ୪୯୭ଟି ମାମଲାରେ ସଂପୃକ୍ତ କମ୍ପାନୀମାନଙ୍କ ଉପରେ ୮.୩ଲକ୍ଷ କୋଟି ଟଙ୍କାର ଋଣ ଥିବା ସମୟରେ ଫଇସଲା ପରେ ସେମାନଙ୍କ ଠାରୁ ବ୍ୟାଙ୍କମାନେ ୨.୬ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି ବୋଲି କୁହାଯାଉଛି। ଅର୍ଥାତ୍ ପ୍ରାୟ ୬ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଋଣ ଏହି କମ୍ପାନୀମାନେ ଏପଟସେପଟ୍ କରି ଖାଇଯାଇଥିଲେ ମଧ୍ୟ ସେମାନଙ୍କ ଉପରେ ଆଉ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଇନ୍‌ସଲଭାନ୍ସି ଓ ବ୍ୟାଙ୍କରୁପ୍‌ସୀ କୋର୍ଡ ଅନୁସାରେ ଗୋଟିଏ କମ୍ପାନୀ ତା'ର ଦେବାଳିଆ ପଣ ଜଣାଇବା ପରେ ନ୍ୟାସନାଲ୍ କମ୍ପାନୀ ଅଫ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ରେ ମାମଲା ହୁଏ। ଏନ୍‌ସିଏଲ୍‌ଟି କମ୍ପାନୀ ବିଷୟରେ ସମସ୍ତ ତଥ୍ୟ ଜାଣିବା ପାଇଁ ଓ କମ୍ପାନୀର ପ୍ରକୃତ ମୂଲ୍ୟ ସ୍ଥିର କରିବା ପାଇଁ ଏକ ଅଡିଟର କମ୍ପାନୀକୁ ନିଯୁକ୍ତି ଦିଅନ୍ତି। ଏହି ଅଡିଟର କମ୍ପାନୀର ପ୍ରକୃତ ମାଲିକ ଭାବରେ କମ୍ପାନୀ ଯେଉଁ ଋଣ କରିଛି ସେହି ଋଣ କେଉଁଭଳି ଭାବରେ ଖର୍ଚ୍ଚ କରିଛି ତାହା ଯାଂଚ କରିବା ସହିତ କମ୍ପାନୀ ପାଖରେ କେତେ କୋଟି ଟଙ୍କାର ପ୍ରକୃତ ସମ୍ପତ୍ତି ରହିଛି ତାହାର ହିସାବ କରନ୍ତି। ଏହିମାନେ ହିଁ ହିସାବ କରି କେତେ କୋଟି ଟଙ୍କାର ସଂପୃକ୍ତ କମ୍ପାନୀର ସମ୍ପତ୍ତି ଅଛି ଓ କେତେ କୋଟି ଟଙ୍କା ମାଫ୍ କରିବା ଆବଶ୍ୟକ ତାହା ଜଣାନ୍ତି। ଏହାକୁ ଦେଖିଲା ପରେ ଏନସିଏଲଟି ବ୍ୟାଙ୍କ ମାନଙ୍କର ପ୍ରତିନିଧିକୁ ନେଇ ଗଠିତ କମିଟି ଅଫ୍ କ୍ରେଡିଟର୍‌ସକୁ ଏହା ପଠାଇଦିଅନ୍ତି। ଯେହେତୁ ଏହି କମିଟିରେ ଋଣ ଦେଇଥିବା ବ୍ୟାଙ୍କ୍‌ମାନଙ୍କର ପ୍ରତିନିଧି ଥାଆନ୍ତି ସେମାନେ ଏହାକୁ ଦେଖିଲା ପରେ ଋଣରୁ କେତେ ମାଫ୍ କରାଯାଇପାରିବ ସେ ନେଇ ମତାମତ ଦେଲା ପରେ କମ୍ପାନୀ ବିକିବା ପାଇଁ ବିଡର୍ସମାନଙ୍କୁ ନିମନ୍ତ୍ରଣ କରାଯାଏ। ଏହି ନିଲାମକାରୀମାନେ ସେମାନଙ୍କର ନିଲାମୀ ମୂଲ୍ୟ ଦେବା ପରେ ଯଦି ତାହା ଗ୍ରହଣଯୋଗ୍ୟ ହୋଇଥାଏ ତେବେ କମ୍ପାନୀକୁ ନୂଆ ବିଡର୍‌ଙ୍କୁ ହସ୍ତାନ୍ତର କରିଦିଆଯାଏ। ଏହିପରି ଭାବରେ ହଜାର ହଜାର କୋଟି ଟଙ୍କା ଋଣ ନେଇଥିବା କମ୍ପାନୀମାନଙ୍କର ବିକ୍ରି ହେଲାବେଳକୁ ମୂଲ୍ୟ ପ୍ରାୟ ବହୁଭାଗ କମିଯାଏ। ବ୍ୟାଙ୍କର ଯେଉଁ ହଜାର ହଜାର କୋଟି ଟଙ୍କା ଆଦାୟ ହୋଇପାରେ ନାହିଁ ସେଗୁଡ଼ିକ ବ୍ୟାଙ୍କମାନେ ମାଫ କରିବାକୁ ବାଧ୍ୟ ହୁଅନ୍ତି। କିନ୍ତୁ ଏହି କମ୍ପାନୀମାନେ ହଜାର ହଜାର କୋଟି ଟଙ୍କାର ଋଣ ନେଇ ସେହି ଅର୍ଥକୁ ବିଦେଶକୁ ବା ଅନ୍ୟ କୌଣସି ବେନାମୀ କମ୍ପାନୀକୁ ପଠାଇଛନ୍ତି କି ନାହିଁ ସେ ସଂପର୍କରେ ଠିକଣା ତଦନ୍ତ କେବେ ବି କରାଯାଏନାହିଁ। ଫଳରେ ଯେଉଁମାନେ କମ୍ପାନୀ ଆରମ୍ଭ କରି ହଜାର ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଠକିଦେଲେ ସେମାନେ ସରକାରଙ୍କ ଆଇନ ବାଟରେ ଯାଇ ଆରାମରେ ବୁଲନ୍ତି। ଏଥିରେ କ୍ଷତିଗ୍ରସ୍ତ ହୁଅନ୍ତି ବ୍ୟାଙ୍କମାନେ। ଗତ ୫ବର୍ଷରେ ପ୍ରାୟ ୬ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଋଣ ବୁଡ଼ିଯାଇଥିବାରୁ ଓ ଆହୁରି ଅନେକଗୁଡ଼ିଏ ଏହିପରି ମାମଲା ଏନ୍‌ସିଏଲ୍‌ଟିରେ ଥିବାରୁ ଶେଷ ପରିଣତ ବ୍ୟାଙ୍କମାନଙ୍କର କ'ଣ ହେବ ତାହା ସହଜରେ ଅନୁମେୟ। ବ୍ୟାଙ୍କରେ ଥିବା ଅର୍ଥ ସାଧାରଣ ଲୋକଙ୍କର। ସରକାର ଏକ ଆଇନ କରିଛନ୍ତି ଯେ, ଯଦି କୌଣସି ବ୍ୟାଙ୍କ ଦେବାଳିଆ ହୋଇଯାଏ ବା ବୁଡ଼ିଯାଏ ତେବେ ସେଥିରେ ଜମା ରଖିଥିବା ଲୋକମାନେ ଯେତେ ଲକ୍ଷ ଟଙ୍କାର ଜମା ରଖିଲେ ମଧ୍ୟ ବୀମା କମ୍ପାନୀ ସେମାନଙ୍କୁ ମାତ୍ର ୫ଲକ୍ଷ ଟଙ୍କା ଦେବ। ଉଦାହରଣ ସ୍ୱରୂପ 'ରୁଚି ସୋୟା' ନାମକ ଏକ କମ୍ପାନୀ ବ୍ୟାଙ୍କରୁ ୧୨ ହଜାର କୋଟି ଟଙ୍କା ଋଣ ନେଇଥିଲେ ମଧ୍ୟ ସେହି ସଂସ୍ଥା ଶେଷରେ ୪ହଜାର ୫୦୦ କୋଟି ଟଙ୍କାରେ ବିକ୍ରି ହେଲା। ଖୋଦ୍ ରାମଦେବଙ୍କ କମ୍ପାନୀ ଏହାକୁ ଖର୍ଦ୍ଦି କରି ମାତ୍ର ୧ ହଜାର କୋଟି ଟଙ୍କା ଦାଖଲ କରିଥିବା ସମୟରେ ବାକି ୩ ହଜାର ୫୦୦ କୋଟି ଟଙ୍କା ସଂପୃକ୍ତ ବ୍ୟାଙ୍କମାନେ ତାଙ୍କୁ ଋଣ ଆକାରରେ ଦେଇଥିଲେ। ପରେ ରାମଦେବ ସେହି କମ୍ପାନୀକୁ ପବ୍ଲିକ ଲିଷ୍ଟେଡ୍ କମ୍ପାନୀରେ ପରିଣତ କରି ଶତକଡ଼ା ୨୫ଭାଗ ଅଂଶ ବିକି ଦେଇ ବ୍ୟାଙ୍କର ୩୫୦୦ କୋଟି ଟଙ୍କା ସଂଗ୍ରହ କରିନେଇଥିଲେ। ଅର୍ଥାତ୍ ବିଶେଷ କୌଣସି ବିନିଯୋଗ ନକରି ୧୨ ହଜାର କୋଟି ଟଙ୍କାର ଗୋଟିଏ କମ୍ପାନୀ ରାମଦେବଙ୍କ ମାଲିକାନା ଥିବା କମ୍ପାନୀକୁ ସିଧାସଳଖ ଚାଲିଗଲା। ଏଥିରେ କ୍ଷତିଗ୍ରସ୍ତ ହେଲେ କେବଳ ବ୍ୟାଙ୍କମାନେ।

ନିକଟରେ ଗୁଜରାଟ୍‌ର ଏକ ସିପିଂ କମ୍ପାନୀ ଯିଏକି ୨୩ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ନେଇଛି ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ ଉଠିଲା ବେଳକୁ ସରକାରଙ୍କ ପକ୍ଷରୁ ଯୁକ୍ତି ହେଲା ଯେ, ଏହିସବୁ ଋଣ ୟୁପିଏ ସରକାର ସମୟରେ ଦିଆଯାଇଛି। ପ୍ରଶ୍ନ ନୁହେଁ ଋଣ କେଉଁ ସମୟରେ ଦିଆଯାଇଛି। ବ୍ୟାଙ୍କମାନେ କମ୍ପାନୀମାନଙ୍କୁ ବା ବ୍ୟବସାୟୀମାନଙ୍କୁ ଋଣ ଦେବା ବ୍ୟାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ଯଦି ଏହି ଋଣ ଦେବା ସମୟରେ ନୀତି ନିୟମର ଉଲ୍ଲଂଘନ କରାଯାଇଛି ତେବେ ସଂପୃକ୍ତ ଋଣ ଦେଇଥିବା ସଂପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। କିନ୍ତୁ ହଜାର ହଜାର କୋଟି ଟଙ୍କା ବ୍ୟାଙ୍କ ଋଣ ନେଇଥିବା କମ୍ପାନୀ ସେହିସବୁ ଅର୍ଥକୁ କେଉଁଠାରେ କିପରି ବିନିଯୋଗ କଲା ବା ସେହି ଅର୍ଥ ବିଦେଶୀ ବେନାମୀ କମ୍ପାନୀକୁ ଯାଇଛି ନା ନାହିଁ ସେସବୁ ତଦନ୍ତ କରାଯିବା ଦରକାର। ଯେଉଁ ସରକାର ପ୍ରତ୍ୟେକ ବିରୋଧୀ ଓ ଭିନ୍ନ ମତାଲମ୍ବୀ ନେତା ବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଇଡି ଓ ଆୟକର ପ୍ରଭୃତି ଚଢ଼ଉ ହେଉଛି ସେହି ସରକାର ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଋଣ ନେଇ ଠକିଦେଉଥିବା କମ୍ପାନୀମାନଙ୍କ ପ୍ରମୋଟରମାନଙ୍କ ସଂକ୍ରାନ୍ତରେ ଏପରି ନିରବତା ଅବଲମ୍ୱନ କରୁଛି କିପରି ?

ବରିଷ୍ଠ ସାମ୍ବାଦିକ
ମୋ- ୮୦୧୮୦୯୪୪୫୫

# ମେଳାର ମହକ



*ଆଦିବାସୀ ମେଳା ଭୁବନେଶ୍ୱର କେନ୍ଦ୍ର ସ୍ଥଳରେ ଜନରାଜ୍ୟ ଦିବସରେ ଆରମ୍ଭ କରାଇ ଏକ ମହତ୍ ଉଦେଶ୍ୟକୁ ସାକାର କରାଯାଇଥିଲା। ସେଇଦିନ ଠୁଁ ଆଦିବାସୀ ମେଳା ସେମାନଙ୍କ ଜୀବନ ଶୈଳୀର ଅନ୍ୟତମ ପ୍ରତିଫଳିତ ରୂପ ନେଇ ଅନୁଷ୍ଠିତ ହୋଇଆସୁଛି।*

ମିଳାମିଶାର ଏକ ନିଆରା ମଣ୍ଡପ ମେଳା। ବିଭିନ୍ନ ଅଞ୍ଚଳରୁ ସାଂସ୍କୃତିକ ସମ୍ଭାରର ଏକତ୍ର ମେଳଣ ଯୋଗୁଁ ମେଳାର ନାମକରଣ ବୋଧହୁଏ। ଏହି ମେଳା ମଧ୍ୟରେ ଜନଜାତିଙ୍କ ଆକର୍ଷଣ ଅନନ୍ୟ। ଜନଜାତିଙ୍କ ମେଳା ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରତିବର୍ଷ ଜାନୁଆରୀ ୨୯ ରୁ ଆରମ୍ଭ ହେବାର ପରମ୍ପରା ରହିଛି। ୧୯୫୧ ମସିହାରୁ କଟକରେ ଏହା ଆରମ୍ଭ ହୋଇଥିଲେ ମଧ୍ୟ ୧୯୫୫ ମସିହା ବେଳକୁ ରାଜଧାନୀ ଭୁବନେଶ୍ୱରରେ ନିରବଛିନ୍ନ ଭାବରେ ଅନୁଷ୍ଠିତ ହୋଇଆସୁଛି। କିଛିଟା ବିଶେଷ କାରଣ ଯୋଗୁଁ ଯଦିଓ ଏହା ସ୍ଥଗିତ ହୋଇନାହିଁ ସମୟ ସୂଚୀରେ ପରିବର୍ତ୍ତନ ସହ ଅନୁଷ୍ଠିତ ହୋଇଆସୁଛି।

ଆଦିବାସୀ ମେଳାକୁ ନେଇ ଅନେକ ରୋଚକ କାହାଣୀ ଶୁଣାଯାଏ। ପୂର୍ବେ ଜନଜାତି ଅଞ୍ଚଳକୁ ଗମନାଗମନର ସୁଯୋଗ ନଥିଲା। ନଗର ବାସିନ୍ଦାଙ୍କ ସହ ସେମାନେ ମିଶିବାର ସୁଯୋଗ ପାଉନଥିଲେ। ଅପହଞ୍ଚ ଇଲାକାରେ ଅତ୍ୟାବଶ୍ୟକ ଜିନିଷ ମିଳି ପାରୁନଥିଲା। ଜନଜାତିଙ୍କ କଳା ବସ୍ତୁ ନିର୍ମାଣର ମୌଳିକତାକୁ ଦେଖିବାର, ପରଖିବାର ସୁଯୋଗ ସହରବାସୀ ପାଇଁ ପାରୁନଥିଲେ। ଏହି ସବୁ ସମସ୍ୟା ସହ ତଦାନିନ୍ତନ ରାଜନ୍ୟବର୍ଗ ଅର୍ଥାତ ସେ ସମୟର ଜନଜାତି ସାମନ୍ତବର୍ଗ, ଯେଉଁମାନେ ଚିନ୍ତନ କରୁଥିଲେ, ସେମାନଙ୍କ ଅସୁବିଧାକୁ ଲାଘବ କରିବାକୁ; ସେମାନେ, ଜନଜାତି ଅଞ୍ଚଳରେ ଠାଏ ଠାଏ ମେଳାର ଆୟୋଜନ କରୁଥିଲେ। ଜନଜାତି ମାନେ ଆର୍ଥିକ ସ୍ୱାବଲମ୍ବୀ ନଥିଲେ। ମାତ୍ର, ଫସଲ ଅମଳ ପରେ ତାଙ୍କ ପାଖରେ କିଛି ବଳକା ଶସ୍ୟ, ବନଜାତ ଦ୍ରବ୍ୟ ରହୁଥିଲା, ତାର ସଦୁପଯୋଗ କରିବାକୁ ସେମାନେ ଆଗ୍ରହ ପ୍ରକାଶ କରୁଥିଲେ। ଏହି ଅମଳ ଉପରାନ୍ତ ସେମାନେ ଖୁସିରେ ଅନେକ ଯାତ୍ରାର ଆୟୋଜନ କରୁଥିଲେ, ବିଶେଷତଃ ପୌଷ ମାସରୁ ଚୈତ୍ର ପର୍ଯ୍ୟନ୍ତ। ଏ ସମୟ ତାଙ୍କ ଅବସର ସମୟ, ନୂତନ କୃଷିକାର୍ଯ୍ୟ ଆରମ୍ଭ ହୋଇନଥାଏ। ଏହି ସମୟକୁ ଲକ୍ଷ୍ୟ କରି ବିଶେଷତଃ, ଗଣ୍ଡ ରାଜାମାନେ ନିଜ ନିଜ ଅଞ୍ଚଳରେ ଜନଜାତିଙ୍କ ଯାତ୍ରା ତିଥିକୁ ନିରେଖି ଦେଖି ମେଳାର ଆୟୋଜନ କରୁଥିଲେ।

ମେଳାରେ ବିଭିନ୍ନ ମନୋହରୀ ସାମଗ୍ରୀ, ଲୁଗାପଟା, ବାସନକୁସନ ଆସବାବ ପତ୍ରର ବିପଣୀ ବସ୍ତୁ ଥିଲା। ଜନଜାତିଙ୍କ ଉତ୍ପାଦିତ କୃଷି ଦ୍ରବ୍ୟ, ସଂଗୃହିତ ଲଘୁ ଜନଜାତ ଦ୍ରବ୍ୟ ଏବଂ ପ୍ରସ୍ତୁତ କଳା କୌଶଳର ଭରପୁର ହାଟଟାଏ ବି ଲାଗୁଥିଲା। ସନ୍ଧ୍ୟାରେ ଉଲ୍ଲସିତ ଜନଜାତି ବସତି ସମୂହରୁ ଭାଗ ନେଇଥିବା ନରନାରୀଙ୍କ ଆମୋଦ ପ୍ରମୋଦ ସମ୍ବଳିତ ନୃତ୍ୟ ସଂଗୀତର ଆସର ମେଳାକୁ ମୁଖର କରୁଥିଲା।

ଜନଜାତି ମାନେ ସେମାନଙ୍କ ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ ବଦଳରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ କିଣୁଥିଲେ। ଲୁଗାପଟା, ଆସବାବପତ୍ର, ବାସନକୁସନ, ମନୋହରୀ ସାମଗ୍ରୀ ସହିତ ସେମାନଙ୍କ ଦୁର୍ବଳତା ବିଶେଷ ରହୁଥିଲା। ନିକଟରେ ଏସବୁ ସାମଗ୍ରୀ କିଣାବିକାର ଅବସର ସହ ଦୂର ଦୂରାନ୍ତରୁ ଆସୁଥିବା ବନ୍ଧୁପରିଜନଙ୍କ ସହିତ ମିଶିବାର, ସୁଖଦୁଃଖ ବାଣ୍ଟିବାର ଅପୂର୍ବ ସୁଯୋଗ ଆଣି ଦେଉଥିଲା ଏହି ମେଳା। ଯୁବକ ଯୁବତୀ ମନ ଦିଆନିଆ ହେଉଥିଲେ। ଭବିଷ୍ୟତ ସଂସାର ପାଇ ସମ୍ବାଦ ଦେଉଥିଲେ। ସବୁ ଦୁଃଖସୁଖର ବିପଣୀ ହେଉଥିଲା ଏହି ମେଳା। ପରେ ପରେ ଏ ମେଳାରେ ପରିବର୍ତ୍ତନ ଆସିଛି। ଯୋଗାଯୋଗ ବ୍ୟବସ୍ଥା କ୍ରମଶଃ ବଢ଼ିଛି। ବିକାଶ ମାର୍ଗ ବଢିବା ସହ ମେଳା କ୍ରମଶଃ ବ୍ୟବସ୍ଥିତ ହେବାରେ ଲାଗିଛି। ଏହାକୁ ନଜରରେ ରଖି ସ୍ୱାଧୀନ ଭାରତରେ ବିଭିନ୍ନ ଅଞ୍ଚଳ ପଞ୍ଚାୟତ, ବ୍ଲକଠୁଁ ସବଡ଼ିଭିଜନ, ଜିଲ୍ଲା ତଥା ରାଜ୍ୟ ସ୍ତରରେ ମେଳାର ଆୟୋଜନ ଆରମ୍ଭ ହୋଇଛି। ମେଳା କେବଳ ସାମାଜିକ- ସାଂସ୍କୃତିକ -ଅର୍ଥନୈତିକ ଦେନନେଣର ସ୍ଥଳ ନହୋଇ ବିକାଶ ବାର୍ତ୍ତା ତଥା ସଚେତନତା ବାର୍ତ୍ତା ପ୍ରସାରଣ କରିବାର ଓ କରାଇବାର ସୁନ୍ଦର ପୀଠ ଟିଏ ପାଲଟିଛି। ଅର୍ଥନୀତିକୁ ମେଳା ସହ ଯୋଡି ସମ୍ପ୍ରତି ଏହା ପ୍ରଗତି ମେଳା ଆଡକୁ ମୁହାଁଇଛି। ଟେକ୍ନୋଲୋଜି ଯୋଡି ହୋଇ ମେଳାର ସଂଜ୍ଞା ଆହୁରି ବ୍ୟାପକ ହୋଇଛି ଭିନ୍ନ ରୂପରେ। ତଥାପି ଏସବୁର ଉର୍ଦ୍ଧ୍ୱରେ ଭୁବନେଶ୍ୱରର ଆଦିବାସୀ ମେଳା ପ୍ରାଚୀନ ଓ ନବୀନର ଏକ ସୁନ୍ଦର ସଂରଚନା, ସ୍ୱାଧୀନତା ଉପରାନ୍ତ ବିଭିନ୍ନ ପଞ୍ଚ ବାର୍ଷିକ ଯୋଜନା କାଳରେ ଜନଜାତିଙ୍କ ବିକାଶ ପାଇଁ ଯେତେବେଳେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହୋଇଛି, ସେତେବେଳେ ତଦାନୀନ୍ତନ ଜନନାୟକ ମାନେ ଜନଜାତିଙ୍କ ସାମାଜିକ, ସାଂସ୍କୃତିକ ବିଭବକୁ ବିକାଶ ସହ ଯୋଡ଼ିଥିଲେ। ସଂସ୍କୃତିକୁ ଛାଡିଲେ ଜନଜାତିଙ୍କ ବିକାଶ ଅସମ୍ଭବ ମଣି ସେମାନେ ଏହାର ଗୁରୁତ୍ୱ ବୁଝିଥିଲେ।

ପୁନଶ୍ଚ ସେତେବେଳେ ରାଜଧାନୀ ବାହାର ଲୋକଙ୍କ ଆକର୍ଷଣର କେନ୍ଦ୍ର ହେବାକୁ ବସିଲାଣି। ଏହା ସହ ଜନଜାତି ସଂସ୍କୃତିକୁ ବାହାର ଦୁନିଆ ସହ ପରିଚିତ କରିବାର ଚିନ୍ତନ ଯଥାର୍ଥ ଥିଲା। ଆଦିବାସୀ ମେଳା ଭୁବନେଶ୍ୱର କେନ୍ଦ୍ର ସ୍ଥଳରେ ଜନରାଜ୍ୟ ଦିବସରେ ଆରମ୍ଭ କରାଇ ଏକ ମହତ୍ ଉଦେଶ୍ୟକୁ ସାକାର କରାଯାଇଥିଲା। ସେଇଦିନ ଠୁଁ ଆଦିବାସୀ ମେଳା ସେମାନଙ୍କ ଜୀବନ ଶୈଳୀର ଅନ୍ୟତମ ପ୍ରତିଫଳିତ ରୂପ ନେଇ ଅନୁଷ୍ଠିତ ହୋଇଆସୁଛି। ଭାଷା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ, କଳା, ଭାସ୍କର୍ଯ୍ୟ, ଆଭୁଷଣ, ନାନ୍ଦନିକତା, ଉତ୍ପାଦିତ ସାମଗ୍ରୀ, ନୃତ୍ୟ ଗୀତରେ ଭରପୁର ମେଳାଟିଏ ହେବାର ଖ୍ୟାତି ବହନ କରିଛି।

ଆଦିବାସୀ ମେଳା, ପରେ ପରେ ସେମାନଙ୍କ ପାରମ୍ପରିକ ଖାଦ୍ୟ ସହ ବିକାଶ ବାର୍ତ୍ତାକୁ ଯୋଡି, ଆହୁରି ସମ୍ଭ୍ରାନ୍ତ କରାଯାଇଛି ଏ ମେଳା। ଏହା ମେଳା ତା ନୁହଁ ଏକ ମହାମିଳନର ପବିତ୍ର ମଣ୍ଡପଟାଏ। ଯେଉଁଠି ଜନଜାତିଙ୍କ ସହ ଅନ୍ୟ ସମାଜର ଆତ୍ମାର ଏକତ୍ର ମଧୁର ମିଳନ ଘଟୁଛି। ଏ ମିଳନ ଯୁଗଯୁଗର ଯେପରି ଏହାର ଅନ୍ତ ନାହିଁ।

ମୋ- ୯୪୩୭୧୭୬୨୮୭

## ଯୋଗୀ ସରକାରଙ୍କ ବଡ଼ ନିଷ୍ପତ୍ତି, ବିନା ଅନୁମତିରେ ହୋଇପାରିବନି ଶୋଭାଯାତ୍ରା



ନୂଆଦିଲ୍ଲୀ: ଉତ୍ତରପ୍ରଦେଶର ଯୋଗୀ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବାସ୍ତବରେ, ଉତ୍ତରପ୍ରଦେଶରେ ବିନା ଅନୁମତିରେ କୌଣସି ଶୋଭାଯାତ୍ରା ଏବଂ ଧାର୍ମିକ ଯାତ୍ରା ଉପରେ ନିଷେଧାଦେଶ ଜାରି କରାଯାଇଛି। ନୂଆ ନିର୍ଦ୍ଦେଶ ମୁତାବକ କୌଣସି ଶୋଭାଯାତ୍ରା ପାଇଁ ବର୍ତ୍ତମାନ ଆୟୋଜକମାନଙ୍କୁ ଏଥିପାଇଁ ପ୍ରଥମେ ଅନୁମତି ନେବାକୁ ପଡିବ। ଏହା ସହିତ ଆୟୋଜକମାନଙ୍କୁ ମଧ୍ୟ ଶୋଭାଯାତ୍ରା ସମୟରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବା ପାଇଁ ଏକ ଆଫିଡେଭିଟ୍ ଦେବାକୁ ପଡିବ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ନିୟମ ଉଲ୍ଲଂଘନ କରନ୍ତି, ତା'ହେଲେ ତାଙ୍କ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶ ଜାରି ସହ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେଉଁ ସବୁ ଶୋଭାଯାତ୍ରା ବହୁ ବର୍ଷ ଧରି ହୋଇଆସୁଛି ଓ ପରମ୍ପରା ସହ ଜଡିତ ଅଛି, ସେସବୁ ଧାର୍ମିକ ଶୋଭାଯାତ୍ରାକୁ ଅନୁମତି ଦିଆଯିବା ଉଚିତ। ଯଦି କିଛି ନୂତନ ଶୋଭାଯାତ୍ରା ହେବାର ଅଛି ଅନାବଶ୍ୟକ ଭାବରେ ଅନୁମତି ଦିଆଯିବା ଉଚିତ୍ ନୁହେଁ । ଯେଉଁମାନେ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ବାସ୍ତବରେ ଗତ କିଛି ଦିନ ହେବ ରାମ ନବମୀ ଠାରୁ ନବରାତ୍ରୀ ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରେ ଧାର୍ମିକ ଶୋଭାଯାତ୍ରା ସମୟରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ହିଂସା ମାମଲା ରୁଜୁ ହୋଇଥିଲା। ଯଦିଓ ଉତ୍ତରପ୍ରଦେଶରେ ଏଭଳି ପରିସ୍ଥିତି ଉପୁଜିନାହିଁ, କିନ୍ତୁ ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି।

## ଲେଫ୍ଟନାଣ୍ଟ ଜେନେରାଲ୍ ମନୋଜ ପାଣ୍ଡେ ଦେଶର ପରବର୍ତ୍ତୀ ସ୍ଥଳସେନା ମୁଖ୍ୟ



ନୂଆଦିଲ୍ଲୀ: ଲେଫ୍ଟନାଣ୍ଟ ଜେନେରାଲ୍ ମନୋଜ ପାଣ୍ଡେ ଦେଶର ପରବର୍ତ୍ତୀ ସ୍ଥଳସେନା ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ଏଥିସହ ପ୍ରଥମ ଥର ଲାଗି ଜଣେ ସେନା ଇଂଜିନିୟରଙ୍କୁ ସ୍ଥଳବାହିନୀର ମୁଖ୍ୟ ଭାବେ ଚୟନ କରାଯାଇଛି। ଏପ୍ରିଲ ୩୦ରେ ସେନାମୁଖ୍ୟ ଜେନେରାଲ୍ ମୁକୁନ୍ଦ ନରଭାଣେଙ୍କର କାର୍ଯ୍ୟକାଳ ଶେଷ ହେଉଛି। ସେ ୨୮ମାସ ଧରି ଦେଶର ସ୍ଥଳସେନା ମୁଖ୍ୟ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରୁଛନ୍ତି। ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି କି ସରକାର ଲେଫ୍ଟନାଣ୍ଟ ଜେନେରାଲ୍ ମନୋଜ ପାଣ୍ଡେଙ୍କୁ ସ୍ଥଳସେନା ମୁଖ୍ୟଭାବେ ନିଯୁକ୍ତ କରିଛନ୍ତି। ନ୍ୟାସନାଲ ଲେବଲ୍ ଡିଫେନ୍ସ ଏକାଡେମିର ପ୍ରାକ୍ତନ କ୍ୟାଡେଟ୍ ମନୋଜ ପାଣ୍ଡେ ୧୯୮୨ ଡିସେମ୍ବରରେ ସ୍ଥଳସେନାର ଇଂଜିନିୟର୍ସ କର୍ପସରେ ଯୋଗଦାନ କରିଥିଲେ। ଜମ୍ମୁ ଓ କଶ୍ମୀରର ନିୟନ୍ତ୍ରଣ ରେଖା ଅନ୍ତର୍ଗତ ପଲାନଓ୍ୱାଲା ସେକ୍ଟରରେ ଚାଲିଥିବା 'ଅପରେସନ୍ ପରାକ୍ରମ'ରେ ସେ ଏକ ଇଂଜିନିୟର ରେଜିମେଣ୍ଟର କମାଣ୍ଡର ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ୨୦୦୧ ଡିସେମ୍ବରରେ ପାର୍ଲାମେଣ୍ଟ ଭବନରେ ଆତଙ୍କବାଦୀ ଆକ୍ରମଣ ପରେ ଏହି ଅପରେସନ୍ ଆରମ୍ଭ ହୋଇଥିଲା। ପାକିସ୍ତାନ ସହ ଯୁଦ୍ଧ ଭଳି ସ୍ଥିତି ଉପୁଜିବାରୁ ଦେଶର ପଶ୍ଚିମ ସୀମାନ୍ତକୁ ବହୁ ସଂଖ୍ୟାରେ ଯୁଦ୍ଧାସ୍ତ୍ର ଓ ସୈନିକଙ୍କୁ ପଠାଯାଇଥିଲା। ନିଜର ୩୯ ବର୍ଷର ସାମରିକ କ୍ୟାରିୟର ମଧ୍ୟରେ ଲେଫ୍ଟନାଣ୍ଟ ଜେନେରାଲ୍ ମନୋଜ ପାଣ୍ଡେ ପଶ୍ଚିମ ସୀମାନ୍ତରେ ଏକ ଇଂଜିନିୟର ବ୍ରିଗେଡ୍, ନିୟନ୍ତ୍ରଣ ରେଖାରେ ପଦାତିକ ବ୍ରିଗେଡ୍, ଲଦାଖ ସେକ୍ଟରରେ ଏକ ପାର୍ବତ୍ୟ ବ୍ରିଗେଡର କାର୍ଯ୍ୟଭାର ସମ୍ଭାଳିଥିଲେ । ଇଷ୍ଟର୍ନ କମାଣ୍ଡର ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ଆଣ୍ଡାମାନ ଏବଂ ନିକୋବର କମାଣ୍ଡର-ଇନ୍-ଚିଫ୍ ଦାୟିତ୍ୱ ତୁଲାଇଥିଲେ।

## ଜୁଲାଇ ପହିଲାରୁ ପଞ୍ଜାବରେ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍



ଚଣ୍ଡୀଗଡ: ଜୁଲାଇ ପହିଲାରୁ ପ୍ରତି ପରିବାର ପାଇଁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇ ଦେବାକୁ ପଞ୍ଜାବର 'ଆମ୍ ଆଦ୍‌ମୀ ପାର୍ଟି' (ଆପ୍) ସରକାର ଘୋଷଣା କରିଛନ୍ତି। କ୍ଷମତାସୀନ ହେବାର ଏକ ମାସ ପୂର୍ତ୍ତୀ ଅବସରରେ ଭଗୱନ୍ତ ମାନ୍ ନେତୃତ୍ୱାଧୀନ ଉପରୋକ୍ତ ଘୋଷଣା କରିଛନ୍ତି। ଚଳିତ ମାସରେ ପଞ୍ଜାବ ସରକାର ମାଗଣା ବିଦ୍ୟୁତ୍ ? ଘୋଷଣା କରିପାରନ୍ତି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଥିଲେ, ଖୁବ୍‌ଶୀଘ୍ର ରାଜ୍ୟବାସୀଙ୍କୁ ସେ ସୁ-ସମ୍ବାଦ ଜଣାଇବେ। ଟୁଇଟ୍ କରି ମାନ୍ ଲେଖିଥିଲେ, ଆମ ନେତା ତଥା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ଖୁବ୍‌ଶୀଘ୍ର ପଞ୍ଜାବବାସୀଙ୍କୁ ମୁଁ ଶୁଭଖବର ଦେବି। ପରିବାର ପିଛା ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇ ଦେବ ବୋଲି 'ଆପ୍' ପଞ୍ଜାବ ବିଧାନସଭା ନିର୍ବାଚନ ପ୍ରଚାର ଅଭିଯାନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଏଭଳି ପ୍ରତିଶ୍ରୁତି ଦେବା ଅବସରରେ 'ଆପ୍'ର ଆବାହକ ତଥା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ କହିଥିଲେ, ରାଜ୍ୟରେ ବଳକା ବିଜୁଳିଶକ୍ତି ଉତ୍ପାଦନ ସତ୍ତ୍ୱେ ଦୀର୍ଘ ସମୟ ଧରି ବିଜୁଳିକାଟ ଚାଲୁଛି ଏବଂ ଅନେକ ଲୋକ ଅଧିକ ଟଙ୍କାର ଭୁଲ ବିଜୁଳି ବିଲ୍ ପାଉଛନ୍ତି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀରେ 'ଆପ୍' ସରକାର ପ୍ରତି ମାସରେ ୨୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେଉଛନ୍ତି।

# ପିକେଙ୍କ ମିସନ୍ ୨୦୨୪ ଯୋଜନା ଉପରେ ଆଲୋଚନା

## ସୋନିଆଙ୍କ ବାସଭବନରେ ବୈଠକ

ନୂଆଦିଲ୍ଲୀ : କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧିଙ୍କ ୧୦ ଜନପଥ ବାସଭବନରେ ବରିଷ୍ଠ କଂଗ୍ରେସ ନେତାମାନଙ୍କର ଏକ ବୈଠକ ହୋଇଛି। ବୈଠକରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ଭଦ୍ରା, ମୁକୁଲ ୱାସନିକ, ରଣଦୀପ ସିଂହ ସୁର୍ଜ୍ୟୱାଲା , କେସି ବେଣୁଗୋପାଳ ଏବଂ ଅମ୍ବିକା ସୋନି ଯୋଗ ଦେଇଥିଲେ। ପ୍ରାୟ ୫ ଘଣ୍ଟା ଧରି ବୈଠକ ଚାଲିଥିଲା।



ନିର୍ବାଚନୀ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ୨୦୨୪ ସାଧାରଣ ନିର୍ବାଚନ ଏବଂ ଅନ୍ୟ ବିଧାନସଭା ନିର୍ବାଚନ ନେଇ ସୋନିଆଙ୍କ ନିକଟରେ ଏକ ଯୋଜନା ଉପସ୍ଥାପନା କରିଥିଲେ। ପ୍ରଶାନ୍ତ କିଶୋରଙ୍କର ଏହି ମିସନ୍ ୨୦୨୪ ଯୋଜନା ଉପରେ ଆଲୋଚନା ହୋଇଛି। ବୈଠକ ସମୟରେ ସୋନିଆ ପୃଥକ୍ ଭାବେ ପିଡିପି ମୁଖ୍ୟ ମେହବୁବା ମୁଫ୍ତିଙ୍କୁ ଭେଟିଥିବା ଜଣାପଡିଛି। ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗ ଦେଇପାରନ୍ତି ବୋଲି କୁହାଯାଉଛି। ୨୦୨୪ ସାଧାରଣ ନିର୍ବାଚନ ନେଇ କଂଗ୍ରେସ ନେତୃବୃନ୍ଦଙ୍କ ନିକଟରେ ସେ ଏକ ବିସ୍ତୃତ ଯୋଜନା ଉପସ୍ଥାପନା କରିଥିଲେ। କଂଗ୍ରେସ ୩୭୦ ସଂସଦୀୟ ଆସନ ଉପରେ ଫୋକସ୍ କରିବାପାଇଁ କିଶୋର ପ୍ରସ୍ତାବ ଦେଇଛନ୍ତି। ଉତ୍ତରପ୍ରଦେଶ, ବିହାର ଏବଂ ଓଡିଶାରେ କଂଗ୍ରେସ ଏକା ନିର୍ବାଚନ ଲଢ଼ିବାପାଇଁ ପ୍ରଶାନ୍ତଙ୍କ ଯୋଜନାରେ ରହିଛି। ଅନ୍ୟପକ୍ଷେ ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ମହାରାଷ୍ଟ୍ରରେ କଂଗ୍ରେସ ମେଣ୍ଟରେ ଲଢ଼ିବାପାଇଁ ପ୍ରଶାନ୍ତ କିଶୋର କହିଛନ୍ତି। ପ୍ରଶାନ୍ତ କିଶୋରଙ୍କ ପ୍ରସ୍ତାବରେ କଂଗ୍ରେସ ନେତା ରାହୁଲ ଗାନ୍ଧି ରାଜି ଥିଲେ।

## କଂଗ୍ରେସ ଛାଡ଼ି ଟିଏମସି ହାତ ଧରିଲେ ଆସାମର ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରିପୁନ ବୋରା

କୋଲକାତା: କଂଗ୍ରେସ ଛାଡିଲେ ଆସାମ କଂଗ୍ରେସର ପୂର୍ବତନ ଅଧକ୍ଷ ରିପୁନ ବୋରା। କଂଗ୍ରେସ ହାତ ଛାଡି ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସରେ ଯୋଗ ଦେଇଛନ୍ତି ରିପୁନ। ଟିଏମସିର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଆସାମ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ରାଜ୍ୟସଭା ସାଂସଦଙ୍କୁ ଦଳରେ ସାମିଲ କରାଇଛନ୍ତି। ରାଜ୍ୟ କଂଗ୍ରେସରେ ହୋଇଥିବା ବିବାଦକୁ ଦର୍ଶାଇ ବୋରା ଆଜି ଦଳରୁ ଇସ୍ତଫା ଦେଇଥିବା ଜଣାପଡିଛି। ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସର ଟ୍ୱିଟର ଆକାଉଣ୍ଟରେ ଏ ବିଷୟରେ ସୂଚନା ଦିଆଯାଇଛି। ଟ୍ୱିଟରେ ଲେଖାଯାଇଛି ଯେ, ରିପୁନ ବୋରାଙ୍କୁ ଟିଏମସିକୁ ସ୍ୱାଗତ କରି ଆମେ ଆନନ୍ଦିତ। ସେ ପୂର୍ବରୁ ଆସାମର ପଞ୍ଚାୟତ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ରାଜ୍ୟସଭା ସାଂସଦ ତଥା ଆସାମ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଅଧକ୍ଷ ଭାବେ



ଦାୟିତ୍ୱ ତୁଲାଇଛନ୍ତି। ଆଜି ସେ ଟିଏମସିର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ଟିଏମସିରେ ସାମିଲ ହୋଇଛନ୍ତି।


## ୟୁକ୍ରେନ୍ ସଙ୍କଟ ୧୭୦ କୋଟି ଲୋକଙ୍କୁ ଦାରିଦ୍ର୍ୟ ଓ କ୍ଷୁଧା କବଳରେ ପକାଇବ: ଜାତିସଂଘ ମୁଖ୍ୟ

ନୂଆଦିଲ୍ଲୀ: ରୁଷୀୟ ଆକ୍ରମଣ ଯୋଗୁଁ ୟୁକ୍ରେନ୍‌ରେ ଉପୁଜିଥିବା ସଙ୍କଟ ବିଶ୍ୱ ଜନତାର ଏକପଞ୍ଚମାଂଶରୁ ଉର୍ଦ୍ଧ୍ୱ ଅର୍ଥାତ୍ ୧୭୦ କୋଟି ଜନତାଙ୍କୁ ଦାରିଦ୍ର୍ୟ ଓ କ୍ଷୁଧା କବଳରେ ପକାଇବ ବୋଲି ଜାତିସଂଘ ସତର୍କ କରାଇ ଦେଇଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି ଯେ, ୟୁକ୍ରେନ୍ ସଙ୍କଟ ଖାଦ୍ୟଶସ୍ୟ ରପ୍ତାନି ଅବରୋଧ କରିବା ସହ ଯୋଗାଣ ଶୃଙ୍ଖଳରେ ବ୍ୟାଘାତ ସୃଷ୍ଟି କରୁଥିବାରୁ ବିଭିନ୍ନ ସାମଗ୍ରୀର ମୂଲ୍ୟ ଦ୍ରୁତ ବେଗରେ ବୃଦ୍ଧି ପାଉଛି। ଗୁଟେରସ୍‌ଙ୍କ ବକ୍ତବ୍ୟକୁ ଉଦ୍ଧୃତ କରି ଆଜି ସମ୍ବାଦ ସରବରାହ ସଂସ୍ଥାନ 'ଏଏନ୍‌ଆଇ' ଲେଖିଛି, ୟୁକ୍ରେନରେ ଘଟୁଥିବା ବିପର୍ଯ୍ୟୟ ଆମେ ସମସ୍ତେ ଦେଖୁଛନ୍ତି। କିନ୍ତୁ, ୟୁକ୍ରେନ ବାହାରେ ଥିବା ବିକାଶଶୀଳ ବିଶ୍ୱରେ ଏହି ଯୁଦ୍ଧ ନିଃଶବ୍ଦ ଆକ୍ରମଣ ଆରମ୍ଭ କରିଦେଇଛି। ଏହି ସଙ୍କଟ ମାନବଜାତିର ଏକ ପଞ୍ଚମାଂଶ ବା ୧୭୦ କୋଟି ଜନତାଙ୍କୁ ଦାରିଦ୍ର୍ୟ ଓ କ୍ଷୁଧା କବଳିତ କରିପାରେ। କିଛି ଦଶନ୍ଧି ମଧ୍ୟରେ ଏତେ ସଂଖ୍ୟକ ଜନତା ଦାରିଦ୍ର୍ୟ ଓ କ୍ଷୁଧାଗ୍ରସ୍ତ ହୋଇ ନାହାନ୍ତି। ଜାତିସଂଘ ମୁଖ୍ୟ ଗୁଟେରସ୍ ଆହୁରି ମଧ୍ୟ କହିଛନ୍ତି, ବିଶ୍ୱରେ ଉତ୍ପାଦନ ହେଉଥିବା ଗହମ ଓ ଯଅର ୩୦%, ମକାର ଏକ ପଞ୍ଚମାଂଶ, ସୂର୍ଯ୍ୟମୁଖୀ ତେଲର ଅଧାରୁ ଅଧିକ ୟୁକ୍ରେନ ଓ ରୁଷ୍‌ରେ ଉତ୍ପାଦନ କରାଯାଏ। ଅନ୍ୟୁନ ୪୫ଟି ବିକଶିତ ରାଷ୍ଟ୍ର ଆମଦାନି କରୁଥିବା ଗହମର ଏକ ତୃତୀୟାଂଶରୁ ଅଧିକ ରୁଷ୍ ଓ ୟୁକ୍‌ରେନ୍‌ରୁ ମିଳିଥାଏ। ୨୦୨୨ର ଆରମ୍ଭରୁ ଗହମ ଓ ମକା ଦର ୩୦% ଏବଂ ଅଶୋଧିତ ତୈଳ ଦର ୬୦%ରୁ ଅଧିକ ବୃଦ୍ଧି ପାଇଥିବା ବେଳେ ଗ୍ୟାସ୍ ଓ ସାର ଦର ୨ଗୁଣରୁ ଅଧିକ ବୃଦ୍ଧି ପାଇଛି। ଧନୀକୁ ଆହୁରି ଧନୀ ଏବଂ ଗରିବକୁ ଆହୁରି ଗରିବ କରୁଥିବା ବିଶ୍ୱ ଆର୍ଥିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ବୈଶ୍ୱିକ ସଂସ୍କାର ନିମନ୍ତେ ଗୁଟେରେସ୍ ଆହ୍ୱାନ ଦେଇଛନ୍ତି।

## ଭାରତ-ପାକ୍ କଥାବାର୍ତ୍ତା ପାଇଁ ମୋଦୀଙ୍କୁ ଶାହବାଜଙ୍କ ପତ୍ର

ନୂଆଦିଲ୍ଲୀ: ଭାରତ-ପାକ୍ କଥାବାର୍ତ୍ତା ପାଇଁ ମୋଦୀଙ୍କୁ ଶାହବାଜଙ୍କ ପତ୍ର। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖି ଦୁଇ ଦେଶ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଆହ୍ୱାନ ଦେଇଛନ୍ତି। ଶାହବାଜ କହିଛନ୍ତି ଯେ କାଶ୍ମୀର ସମେତ ଅନ୍ୟ ସମସ୍ତ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ପାଇଁ ପାକିସ୍ତାନ ପ୍ରସ୍ତୁତ ଅଛି । ଇସ୍ ଲାମାବାଦ ଏ ଦିଗରେ ସହଯୋଗର ହାତ ବଢ଼ାଇବ ବୋଲି ଶାହୱାଜ ଚିଠିରେ ଉଲ୍ଲେଖ କରିଛନ୍ତି। ପାକିସ୍ତାନ ସହ ଭାରତ ଗଠନମୂଳକ ସଂପର୍କ ଚାହୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦି ଶାହବାଜଙ୍କୁ ଦେଇଥିବା ଅଭିନନ୍ଦନ ବାର୍ତ୍ତାରେ କହିଥିବାରୁ ଏହାର ଜବାବରେ ସରିଫ୍ ମୋଦୀଙ୍କୁ ପତ୍ର ଲେଖିଛନ୍ତି ।





## ସାଂସଦ ଭାବେ ଦରମା ନେବେନି, ପୁରା ଟଙ୍କା କୃଷକଙ୍କ ଝିଅମାନଙ୍କ ଲାଗି କରିବେ ଦାନ

ନୂଆଦିଲ୍ଲୀ: ପୂର୍ବତନ କ୍ରିକେଟର ତଥା ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ହରଭଜନ ସିଂ ଏକ ଭଲ ନିଷ୍ପତ୍ତି ନେଇଛନ୍ତି । ସେ ଘୋଷଣା କରିଛନ୍ତି ଯେ, ରାଜ୍ୟସଭା ସଦସ୍ୟ ଭାବେ ତାଙ୍କୁ ମିଳିବାକୁ ଥିବା ଦରମାକୁ ସେ ରାଜ୍ୟର କୃଷକଙ୍କ ଝିଅମାନଙ୍କ ପାଇଁ ଦାନ କରିବେ । ଏ ନେଇ ହରଭଜନ ସିଂ ଟ୍ୱିଟ୍ କରି ଲେଖିଛନ୍ତି ଯେ, ସେ ତାଙ୍କ ଦରମା ଶିକ୍ଷା ଏବଂ କୃଷକମାନଙ୍କ ଝିଅମାନଙ୍କର କଲ୍ୟାଣ ପାଇଁ ଦାନ କରିବେ । ସେ ଲେଖିଛନ୍ତି, ମୁଁ ମୋ ରାଷ୍ଟ୍ରର ଉନ୍ନତିରେ ସହଯୋଗ କରିବାକୁ ରାଜନୀତିରେ ଯୋଗ ଦେଇଛି । ଯାହା ମୋ ଦ୍ୱାରା ସମ୍ଭବ ତାହା ମୁଁ କରିବି । ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ହରଭଜନ ସିଂଙ୍କୁ ପଞ୍ଜାବରୁ ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସଦସ୍ୟ ଭାବେ ଚୟନ କରାଗଲା ସେତେବେଳେ ଅନେକ ପ୍ରଶ୍ନ ଉଠିଥିଲା । କୁହାଯାଇଥିଲା ଯେ, ସେ ଚାଷୀଙ୍କୁ ସମର୍ଥନ କରିନଥିଲେ । ହରଭଜନ ସିଂ ଗତବର୍ଷ ଡିସେମ୍ବର ୨୪ ତାରିଖରେ କ୍ରିକେଟ୍‌ର ସବୁ ଫର୍ମାଟ୍‌ରୁ ଅବସର ନେଇଥିଲେ। ଅବସର ନେବା ପରେ ସେ କଂଗ୍ରେସ କିମ୍ବା ବିଜେପିରେ ଯୋଗ ଦେଇପାରନ୍ତି ବୋଲି କଳ୍ପନାଜଳ୍ପନା କରାଯାଇଥିଲା । କିନ୍ତୁ ସେ ଆମ୍ ଆଦମୀ ପାର୍ଟିରେ ଯୋଗ ଦେଇଥିଲେ । ହରଭଜନ ସିଂଙ୍କର ୨୩ ବର୍ଷର କ୍ରିକେଟ୍ କ୍ୟାରିଅର ଥିଲା । ସେ ବିଶ୍ୱର ସବୁଠୁ ଭଲ ସ୍ପିନର ଭାବେ ଜମାଶୁଣା ଥିଲେ । ସେ ୨୦୧୧ ବିଶ୍ୱକପରେ ୯ଟି ୱିକେଟ୍ ଏବଂ ୨୦୦୭ ଟି-୨୦ ବିଶ୍ୱକପରେ ୭ଟି ୱିକେଟ୍ ନେଇଥିଲେ ।



## ଠିକ୍ ଭାବେ ନ୍ୟାୟ ପାଇବା ପାଇଁ ବିଚାର ବିଭାଗରେ ଖାଲିସ୍ଥାନ ପୂରଣ ହେବା ଦରକାର: ସିଜେଆଇ



ନୂଆଦିଲ୍ଲୀ: ଲୋକମାନେ ଠିକ୍‌ଭାବରେ ନ୍ୟାୟ ପାଇବା ପାଇଁ ହେଲେ ବିଚାର ବିଭାଗରେ ରହିଥିବା ଖାଲିସ୍ଥାନଗୁଡିକୁ ପୂରଣ କରାଯିବା ଉଚିତ ଏବଂ ସବୁସ୍ତରରେ ଏହିସବୁ ପଦବି ପୂରଣ ନିମନ୍ତେ ନିଜ ସ୍ତରରେ ଚେଷ୍ଟା କରୁଛନ୍ତି ବୋଲି ସୁପ୍ରିମ୍‌କୋର୍ଟର ପ୍ରଧାନବିଚାରପତି (ସିଜେଆଇ) ଏନ୍‌ଭି ରମଣା କହିଛନ୍ତି। ମାଧପୁରଠାରେ ତେଲେଙ୍ଗାନାର ଜୁଡିସିଆଲ ଅଫିସରମାନଙ୍କର ଏକ ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରି ସିଜେଆଇ ରମଣା କହିଲେ, ଭିତ୍ତିଭୂମିର ଅଭାବ ସହ ବହୁ କର୍ମଚାରୀଙ୍କ ଅଭାବ ଯୋଗୁ କାର୍ଯ୍ୟ ସମ୍ପାଦନରେ ନିଶ୍ଚିତ ଅସୁବିଧା ହେଉଥିବ। ତେବେ ଏହି ସମସ୍ୟାର ପ୍ରାଥମିକତା ଭିତ୍ତିରେ ସମାଧାନ ପାଇଁ ସେ ଚେଷ୍ଟା କରୁଛନ୍ତି। ସେ କହିଥିଲେ ଯେ କୋଭିଡ୍‌ଠାରୁ ଆରମ୍ଭ କରି ବିଭିନ୍ନ କାରଣରୁ କୋର୍ଟଗୁଡିକରେ ମାମଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେତେଦିନ ଭିତରେ ଏହିସବୁ ଲୋକ ନ୍ୟାୟ ପାଇବେ ତାହା କହିବା କଷ୍ଟକର ହୋଇପଡିଛି। ଏହି ପରିସ୍ଥିତିରେ ଖାଲିସ୍ଥାନଗୁଡିକ ପୂରଣ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ। ତେଲେଙ୍ଗାନା ହାଇକୋର୍ଟରେ ୪୨ ଜଣ ବିଚାରପତି ରହିବା କଥା କିନ୍ତୁ ଏଠାରେ ୧୦ ଜଣ ନୂଆ ବିଚାରପତିଙ୍କ ନିଯୁକ୍ତି ପରେ ବର୍ତ୍ତମାନ ମୁଖ୍ୟ ବିଚାରପତିଙ୍କୁ ମିଶାଇ ମାତ୍ର ୨୯ ଜଣ ବିଚାରପତି ଅଛନ୍ତି। ଗତବର୍ଷ ଏହାର ଅନୁମୋଦିତ ବିଚାରପତି ସଂଖ୍ୟା ୨୪ରୁ ୪୨କୁ ବୃଦ୍ଧି ପାଇଥିଲା। ଗତବର୍ଷ ସୁପ୍ରିମ୍‌କୋର୍ଟ କଲେଜିୟମ୍ ୧୨ ଜଣ ବିଚାରପତିଙ୍କ ନିଯୁକ୍ତି ପାଇଁ ସୁପାରିସ କରିଥିବା ବେଳେ ୧୦ ଜଣଙ୍କୁ ନିଯୁକ୍ତି ମିଳିଛି। ବାକି ଦୁଇଜଣଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ଉଦ୍ୟମ କରିବେ ବୋଲି ସିଜେଆଇ କହିଥିଲେ।

## ପତ୍ନୀଙ୍କ ଗର୍ଭଧାରଣ ପାଇଁ ସ୍ୱାମୀଙ୍କୁ ୧୫ ଦିନ ପାରୋଲ୍‌ରେ ଛାଡ଼ିଲେ କୋର୍ଟ

ଯୋଧପୁର: ଭାରତୀୟ ପୁରାଣରେ ମହା ସତୀ ସାବିତ୍ରୀଙ୍କ କଥା ସମସ୍ତେ ଜାଣିଥିବେ। ଅଳ୍ପରେ କହିଲେ କଥାଟି ଏମିତିଙ୍କ ସତ୍ୟବାନଙ୍କ ମୃତ୍ୟୁ ପରେ ତାଙ୍କ ପିଣ୍ଡରୁ ପ୍ରାଣ ନେଇ ସ୍ୱର୍ଗପୁରକୁ ଯାଉଥାନ୍ତି ଜମରାଜ। ଆଉ ସ୍ୱାମୀଙ୍କୁ ଜୀବନ ଫେରିବା ପାଇବା ପାଇଁ ଯମରାଜଙ୍କ ପଛେ ପଛେ ଚାଲୁଥାନ୍ତି ସାବିତ୍ରୀ। ହେଲେ ଯମରାଜ ସାବିତ୍ରୀଙ୍କୁ ପଛେ ପଛେ ନ ଆସି ବର ନେଇ ଫେରିଯିବାକୁ କହନ୍ତି। ଏହାପରେ ବିଦୁଷୀ ସାବିତ୍ରୀ ଯମରାଜଙ୍କୁ ଶନ୍ତାନ ପ୍ରାପ୍ତିର ବର ମାଗନ୍ତି। ଆଉ ପ୍ରଭୁ ଯମ ତଥାସ୍ତୁ କହିଲା ପରେ ଧର୍ମସଂକଟରେ ପଡ଼ିଯାଆନ୍ତି। ଶେଷରେ ତାଙ୍କୁ ସତ୍ୟବାନଙ୍କ ପ୍ରାଣ ଫେରାଇବାକୁ ପଡ଼େ। ଇଏ ତ ଥିଲା ପୁରାଣ କଥା। କିନ୍ତୁ ଆଜିର ଅତ୍ୟାଧୁନିକ ଗଣତନ୍ତ୍ର ଯୁଗରେ ଏଇଭଳି କିଛି ଘଟଣା ଘଟିଛି, ଯାହା ପୂର୍ବ କାହାଣୀର ସାମ୍ୟକ



ରୂପରେଖ ପରି ମନେ ହୁଏ। ସ୍ୱାମୀ ଜେଲ୍‌ର ଚାରିକାନ୍ଥରେ ବନ୍ଦୀ। ଏପଟେ ସ୍ୱାମୀର ଭୁଲ୍ ପାଇଁ ସ୍ୱାମୀ ସୁଖ ପାଇପାରୁ ନାହାଁନ୍ତି କି ମାତୃତ୍ୱ ଲାଭ କରିପାରୁ ନାହାଁନ୍ତି ପତ୍ନୀ। ଶେଷରେ ଧର୍ମାବତାରଙ୍କ ଦ୍ୱାରସ୍ଥ ହୋଇ ନିଜର ହକ୍ ମାଗିଛନ୍ତି ମହିଳା। ଗୋଟେ ନାରୀର ମାତୃତ୍ୱଲାଭର ଅଧିକାର ଦର୍ଶାଇ ସ୍ୱାମୀଙ୍କୁ ଜେଲ୍‌ରୁ ମୁକୁଳାଇବାକୁ କୋର୍ଟରେ ଆବେଦନ କରିଛନ୍ତି ପତ୍ନୀ। ଏହି ଘଟଣା ରାଜସ୍ଥାନ ଯୋଦ୍‌ପୁରର। ଯୋଦପୁର ରାଜସ୍ଥାନ ହାଇ କୋର୍ଟ ଜଣେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ୧୫ ଦିନ ପାଇଁ ପାରୋଲ୍‌ରେ ଛାଡ଼ିଛନ୍ତି। କାରଣ ତାଙ୍କ ପତ୍ନୀ ମାତୃତ୍ୱ ଲାଭ କରିବେ। ପତ୍ନୀଙ୍କ ମାତୃତ୍ୱଲାଭ କରିବାର ଅଧିକାର ରହିଛି। ସ୍ୱାମୀ ଭୁଲ୍ କଲେ, ହେଲେ ପତ୍ନୀ କାହିଁକି ମାତୃତ୍ୱଲଭାରୁ ଦୂରେଇ ରହି ଦଣ୍ଡ ପାଇବେ ? ସେହି ନ୍ୟାୟରେ ଅଭିଯୁକ୍ତଙ୍କୁ ୧୫ ଦିନ ପାଇଁ ପାରୋଲ୍‌ରେ ଛାଡ଼ିଛନ୍ତି କୋର୍ଟ। ଏନେଇ ଅଭିଯୁକ୍ତଙ୍କ ପତ୍ନୀ ହାଇକୋର୍ଟରେ ଆବେଦନ କରିଥିଲେ। ତାଙ୍କର ମାତୃତ୍ୱଲାଭ କରିବାର ଅଧିକାର ଅଛି। ତେଣୁ ତାଙ୍କ ସ୍ୱାମୀଙ୍କୁ ଛଡ଼ାଯାଉ ବୋଲି ହାଇକୋର୍ଟରେ ଦର୍ଶାଇଥିଲେ ମହିଳା। ଏହି ମାମଲାର ବିଚାର କରୁଥିବା ବିଚାରପତି ଜଷ୍ଟିସ ସନ୍ଦୀପ ମହେଟା ଓ ଫର୍ଜାଣ୍ଡ ଅଲ୍ଲୀ କହିଥିଲେ ଯେ ଅଭିଯୁକ୍ତ ଜେଲ୍‌ରେ ଥିବାରୁ ତାଙ୍କ ପତ୍ନୀଙ୍କର ଯୌନଜୀବନ ଓ ସ୍ୱାମୀ ସୁଖ ବ୍ୟାଘାତ ହୋଇଛି। ମାମାଲର ଶୁଣାଣି ବେଳେ କୋର୍ଟ ହିନ୍ଦୁ ଗ୍ରନ୍ଥ ରୁଗବେଦ, ୟହୁଦୀ, ଖ୍ରୀଷ୍ଟିଆନ ଗ୍ରନ୍ଥ ଓ ଇସ୍ଲାମ ଗ୍ରନ୍ଥରେ ଥିବା ସିଦ୍ଧାନ୍ତକୁ ଉଦାହରଣକୁ ବିଚାରକୁ ନେଇଥିଲେ। ଏହାପରେ ୩୪ ବର୍ଷୟୀ ନନ୍ଦଲାଲକୁ କୋର୍ଟ ୧୫ ଦିନ ପାଇଁ ପାରୋଲ୍‌ରେ ଛାଡ଼ିଛନ୍ତି। ଫଳରେ ତାଙ୍କ ପତ୍ନୀ ରେଖା ମାତୃତ୍ୱର ଅଧିକାର ପାଇପାରିବେ। ଅଭିଯୁକ୍ତ ଜଣଙ୍କ ମଧ୍ୟ ସଭ୍ୟ ସମାଜରେ ନିଜକୁ ସୁଧାରିବାକୁ ମଉକା ପାଇବେ ବୋଲି କୋର୍ଟ କହିଛନ୍ତି। ଏବେ କୋର୍ଟଙ୍କର ଏପରି ନିଷ୍ପତ୍ତି ଚର୍ଚ୍ଚାରେ ରହିଛି।

# ଓଡ଼ିଶାର ୭୫ ଲକ୍ଷ ଯୁବକଙ୍କୁ ସ୍କିଲ୍ ଦ୍ୱାରା ରୋଜଗାରକ୍ଷମ କରିବା ପାଇଁ ଯୋଜନା କରାଯିବ: ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର: ଭୁବନେଶ୍ୱର ଦକ୍ଷତା ବିକାଶ ପ୍ରତିଷ୍ଠାନ(ଏସଡିଆଇ) କ୍ୟାମ୍ପସ ଠାରେ ଭାରତ ସରକାରଙ୍କ ଜାତୀୟ ଦକ୍ଷତା ବିକାଶ ଉଦ୍ୟୋଗ (ଏନଏସଡିସି) ଇଂଟରନ୍ୟାସନାଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର(ଏମଓୟୁ) ସହ ସ୍କିଲ ସହ ଜଡିତ ତିନୋଟି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହାର ସାକ୍ଷୀ ହେବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶାର ୧୫ ବର୍ଷରୁ ୨୫ ବର୍ଷ ବୟସର ୭୫ ଲକ୍ଷ ପିଲା ମାନଙ୍କୁ ସ୍କିଲ୍ ଦ୍ୱାରା ରୋଜଗାରକ୍ଷମ କରିବା ପାଇଁ ଯୋଜନା କରାଯିବ ବୋଲି ପରାମର୍ଶ ଦେଇଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାରୁ ଅନେକ ପିଲା ବାହାର ଦେଶ ବିଶେଷ ଭାବରେ ଉପସାଗରୀୟ ଦେଶକୁ କାମ କରିବାକୁ ଯାଉଛନ୍ତି । ମାତ୍ର ଉପଯୁକ୍ତ ପ୍ରଶିକ୍ଷଣ ଅଭାବରୁ ସେମାନେ ବାହାରେ ସାମାଜିକ ସୁରକ୍ଷା ପାଉ ନାହାନ୍ତି ଏବଂ ଅନେକ କଷ୍ଟର ସମ୍ମୁଖୀନ ହେଉଛି । ଭାରତବର୍ଷରେ ଏହି ବର୍ଗର ପିଲାଙ୍କ ବୟସ ୧୫ ବର୍ଷରୁ ୨୫ ବର୍ଷ । ଦେଶରେ ଏହି ବର୍ଗର ପିଲାଙ୍କ ସଂଖ୍ୟା ୨୫ କୋଟି ଓ ଓଡିଶାରେ ୭୫ ଲକ୍ଷ । ଏହି ଯୁବ ବର୍ଗର ପିଲାଙ୍କୁ ସ୍କିଲ, ଜ୍ଞାନ ଏବଂ ରୋଜଗାର ସହ ଯୋଡିବାକୁ ପଡିବ । ଯାହା ଦ୍ୱାରା ଓଡିଶା ଏବଂ ଭାରତ ବିକାଶର ଅଗ୍ରଭାଗରେ ରହିବ । ଏହି କ୍ରମରେ ସ୍କିଲ୍ ସହ ଜଡିତ ଓଡିଆ ପିଲା ମାନଙ୍କୁ ଦକ୍ଷ ଓ ବିଦେଶରେ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ସ୍କିଲ ଇଣ୍ଡିଆ ଇଂଟରନ୍ୟାସନାଲ ସେଂଟର, ୱାର୍ଲଡ ସ୍କିଲ୍ସ ଏକାଡେମୀ, ନ୍ୟାସନାଲ ଏକାଡେମୀ ଫର୍ ସ୍କିଲ୍ ଟିଚ୍ରର ଶୁଭାରମ୍ଭ ହୋଇଯାଇଛି । ଏହାସହ ଏନଏସଡିସି ଇଂଟରନ୍ୟାସନାଲ ସହ ରାଜ୍ୟ ସରକାର ଏବଂ ଓଭରସିଜ୍ ଏମ୍ପଲୟରଙ୍କ ମଧ୍ୟରେ ପୃଥକ ପୃଥକ ଏମଓୟୁ ସ୍ୱାକ୍ଷରିତ ହୋଇଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡିଶାର ପ୍ରାକୃତିକ ସମ୍ପଦ ସହ ପ୍ରତିଭାବାନ ମାନବ ସମ୍ବଳରେ ପରିପୂର୍ଣ୍ଣ । ଏହାକୁ ସମନ୍ୱିତ କରାଗଲେ ରାଜ୍ୟରେ ମୁଣ୍ଡ ପିଛା ଆର୍ଥିକ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଏକ ବୃହତ ଜନସଂଖ୍ୟାକୁ ସ୍ୱାଭିମାନ ଜୀବନଯାପନକୁ ସୁନିଶ୍ଚିତ କରିବ ଓ ଆର୍ଥିକ ଅଭିବୃଦ୍ଧିକୁ ଗତି ଦେବ । ଏମ୍ସ, ଆଇଆଇଟି ଭୁବନେଶ୍ୱର, ଆଇସଟି-ଆଇଓସିଏଲ, ସିପେଟ୍, ଆଇଜର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ଦକ୍ଷତା ବିକାଶକୁ ବୃଦ୍ଧି କରିବା ଏବଂ ରୋଜଗାରରେ ଥିବା ଚ୍ୟାଲେଞ୍ଜକୁ ପୂରଣ କରିବା ଦିଗରେ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ୍ । ଏହି କାର୍ଯ୍ୟକ୍ରମରେ ଓଡିଶା ସ୍କିଲ ଡେଭଲପମେଂଟ ଅଥୋରିଟିର ଚେୟାରମ୍ୟାନ ସୁବ୍ରତ ବାଗଚି, ରାଜ୍ୟ ସରକାର ସ୍କିଲ ଡେଭଲପମେଂଟ ଏବଂ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଏସଡିଆଇ ଭୁବନେଶ୍ୱରର ଚେୟାରମ୍ୟାନ ରଞ୍ଜନ କୁମାର ମହାପାତ୍ର, ଏନଏସଡିସିର ସିଇଓ ବେଦମଣି ତିୱାରୀ, ଏସଡିଆଇ, ଭୁବନେଶ୍ୱରର ସିଇଓ ସଞ୍ଜୟ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ ।

## ବଦଳିଲେ ବିଭିନ୍ନ ବିଭାଗର ଓଏଏସ୍ ଅଧିକାରୀ

ଭୁବନେଶ୍ୱର: ଓଏଏସ୍ ସ୍ତରରେ ଅଦଳବଦଳ । ରାଜ୍ୟ ପଣ୍ୟାଗାର ନିଗମ ପରିଚ୍ଳାଳନା ନିର୍ଦ୍ଦେଶକ ପ୍ରଦୀପ ଗରଡ଼ିଆଙ୍କୁ ରାଜ୍ୟ ସରକାରଙ୍କ ଏସସି ଏସ୍ଟି ବିଭାଗର ସ୍ୱତନ୍ତ୍ର ସଚ୍ଚିବ ଭାବେ ବଦଳି କରାଯାଇଛି । ସେହିପରି ଇଡକୋ ଜିଏମ୍ ଡକ୍ଟର ଗଣେଶ୍ୱର ଜେନାଙ୍କୁ ରାଜ୍ୟ ପଣ୍ୟଗାର ନିଗମ ପରିଚ୍ଳାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି । ଜଗତସିଂହପୁର ଡିଆରଡିଓ ପିଡି ସରୋଜକାନ୍ତ ମହାନ୍ତିଙ୍କୁ ଇଡ୍କୋ ସିଜିଏମ୍ ଭାବେ ନିଯୁକ୍ତି ଦିଆଯାଇଛି । ପୁରୀ ଏଡିଏମ୍ ସୁବାସ ଚ୍ନ୍ଦ୍ର ନାଥଶର୍ମାଙ୍କୁ ଇଡ୍କୋ ଏମଏସଏମଇ ଜିଏମ୍ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସ୍ୱତନ୍ତ୍ର ଏଲଏଓ ସୁଚ୍ାରୁ କୁମାର ବଳ ମୟୂରଭଞ୍ଜ ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି । ସୁନ୍ଦରଗଡ଼ ଏଡିଏମ୍ ଭାବେ ଶିବ ଟପ୍ପଙ୍କୁ ନିଯୁକ୍ତି ମିଳିଛି । ରାଜ୍ୟ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ଦେବାଶିଷ ପଟ୍ଟନାୟକଙ୍କୁ ଦାୟିତ୍ୱ ମିଳିଛି । ସେ ଏବେ କୃଷି ମନ୍ତ୍ରୀଙ୍କ ଓଏସ୍ଡି ଭାବେ ସେ ଏବେ କାର୍ଯ୍ୟରତ । ଜଗତସିଂହପୁର ଡିଆରଡିଓ ପିଡି ଭାବେ ରୁଦ୍ରନାରାୟଣ ଦାସଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ଦିଲ୍ଲୀପ କୁମାର ମହାପାତ୍ରଙ୍କୁ ପୁରୀ ଏଡିଏମ୍ ଭାବେ ନିଯୁକ୍ତି ମିଳିଛି । ଆଲୋକ କୁମାର ପ୍ରଧାନଙ୍କୁ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ପ୍ରେମାଂଶୁ ଚ୍ାନ୍ଦଙ୍କୁ କରଞ୍ଜିଆ ଉପଜିଲ୍ଲାପାଳ ଦାୟିତ୍ୱ ଦିଆଯାଇଛି ।

## ୧୦୦ ପ୍ରତିଶତ ଚାଉଳ ଯୋଗାଇ ଦେବାକୁ କେନ୍ଦ୍ରକୁ ଦାବି



ଭୁବନେଶ୍ୱର: ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ରାଜ୍ୟର ହିତାଧିକାରୀଙ୍କୁ ୧୦୦ ପ୍ରତିଶତ ଚ୍ାଉଳ ଯୋଗାଇ ଦେବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଲେଖିଲେ ଚିଠି । ଯୋଗାଣ ମନ୍ତ୍ରୀ ଚ୍ିଠିରେ ଉଲ୍ଲେଖ କରିଛନ୍ତି ଭାତ ଓଡିଶା ଲୋକଙ୍କ ମୁଖ୍ୟ ଖାଦ୍ୟ ହୋଇଥିବାବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାଜ୍ୟକୁ ଗହମ ଯୋଗାଇ ଦେବା ଯଥାର୍ଥ ନୁହେଁ । ଏହା ହିତାଧିକାରୀଙ୍କ ଅସନ୍ତୋଷର କାରଣ ହେଉଛି । କେନ୍ଦ୍ର ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଶତ ପ୍ରତିଶତ ଚ୍ାଉଳ ନଦେଇ ମାସିକ ଆବଣ୍ଟନର ୮୬ ପ୍ରତିଶତ ଚାଉଳ ଓ ୧୪ ପ୍ରତିଶତ ଗହମ ଦେଉଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୯୩.୧୮ ଲକ୍ଷ ହିତାଧିକାରୀ ପରିବାରଙ୍କ ୩.୨୫୪ କୋଟି ହିତାଧିକାରୀ ମୁଖ୍ୟତଃ ଗ୍ରାମାଞ୍ଚଳରେ ବସବାସ କରିଥାଆନ୍ତି । ଯେଉଁଠାରେ ପର୍ଯ୍ୟାପ୍ତ ସଂଖ୍ୟକ ଅଟାକଳ ନଥିବାରୁ ଲୋକମାନେ ହଇରାଣ ହେଉଛନ୍ତି । ଏହା ଖାଦ୍ୟ ସୁରକ୍ଷାର ନିର୍ଦ୍ଦେଶନାମା ପୂରଣ କରୁନାହିଁ । ପୂର୍ବରୁ ଅନେକବାର ଏ ସଂକ୍ରାନ୍ତରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ହିତାଧିକାରୀଙ୍କ ଚାହିଦା ଅନୁଯାୟୀ ଗହମ ବଦଳରେ ଚାଉଳ ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଆସାମ, ଆନ୍ଧ୍ରପ୍ରଦେଶ, ଛତିଶଗଡ, ଗୋଆ ଏବଂ ତେଲେଙ୍ଗାନା ଭଳି ରାଜ୍ୟକୁ କେନ୍ଦ୍ର ସରକାର ଶତ ପ୍ରତିଶତ ଚ୍ାଉଳ ଯୋଗାଇ ଦେଉଛନ୍ତି । ପଞ୍ଜାବ ଓ ରାଜସ୍ଥାନ ଭଳି ମୁଖ୍ୟ ଗହମ ବ୍ୟବହାରକାରୀ ରାଜ୍ୟକୁ ଶତପ୍ରତିଶତ ଗହମ ଯୋଗାଇ ଦେଉଛନ୍ତି । ସେହିପରି ହରିୟାନା ରାଜ୍ୟକୁ କେନ୍ଦ୍ର ପକ୍ଷରୁ ୬୭ ପ୍ରତିଶତ ଗହମ ଓ ବାକି ୩୩ ପ୍ରତିଶତ ସେହି ରାଜ୍ୟ ଦ୍ୱାରା ସଂଗୃହୀତ ହେଉଥିବା ଅନ୍ୟ ଖାଦ୍ୟଶସ୍ୟ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗାଇ ଦିଆଯାଉଛି । ହିତାଧିକାରୀଙ୍କ ହିତ ଦୃଷ୍ଟିରୁ ଚ୍ାଉଳ ଓ ଗହମର ଅନୁପାତକୁ ପରିବର୍ତ୍ତନ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚ୍ିବ ବୀରବିକ୍ରମ ଯାଦବ ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ସଚ୍ିବଙ୍କୁ ୨୦୨୨ ଫେବୃଆରୀ ୧୮ ତାରିଖରେ ପତ୍ର ଲେଖିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏହି ପରିପ୍ରେକ୍ଷୀରେ ଯୋଗାଣ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କ ଅସୁବିଧାକୁ ଦୂର କରିବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୧୦୦ ପ୍ରତିଶତ ଚାଉଳ ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି ।

## ସରକାର-ଶିଳ୍ପ ମଧ୍ୟରେ ପାର୍ଥକ୍ୟକୁ ଦୂର କରୁଛି ଫିକି: ଶିଳ୍ପ ସଚିବ

ଭୁବନେଶ୍ୱର: ଶିଳ୍ପ ପ୍ରତିଷ୍ଠାନ ଓ ସରକାରଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଦୂର କରିବାରେ ଶିଳ୍ପ ସଂଘ ଫିକି ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଓଡିଶାରେ ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ରହିଛି । ଶିଳ୍ପାୟନ ପାଇଁ ରାଜ୍ୟର ଯୁବବର୍ଗ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶର ଆବଶ୍ୟକତା ରହିଛି । ରାଜ୍ୟରେ ଉପଲବ୍ଧ ପର୍ଯ୍ୟାପ୍ତ ସୁଯୋଗ ସଂପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇବାରେ ଫିକି ଓ ଅନ୍ୟ ଶିଳ୍ପ ସଂଘଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆବଶ୍ୟକ । ୨୦୨୨-୨୩ ବର୍ଷ ପାଇଁ ଏଠାରେ ଆୟୋଜିତ ଫିକି ଓଡିଶା ରାଜ୍ୟ ପରିଷଦର ପ୍ରଥମ ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପ ବିଭାଗର ପ୍ରମୁଖ ସଚ୍ିବ ହେମନ୍ତ ଶର୍ମା ଏହା କହିଛନ୍ତି । ଏଥିସହିତ ଫିକିକୁ ଜାତୀୟ ଶିଳ୍ପ ସହଯୋଗୀ ଭାବେ ନିଆଯାଇ ଓଡିଶା ସରକାର ମେକ୍ ଇନ୍ ଓଡିଶା ଆୟୋଜନ କରିବେ ବୋଲି ସେ ସୂଚ୍ନା ଦେଇଛନ୍ତି । ବୈଠକରେ ଇପିକଲ୍ ଏମ୍ଡି ତଥା ଶିଳ୍ପ ବିଭାଗର ଅତିରିକ୍ତ ସଚ୍ିବ ଭୂପିନ୍ଦର ସିଂହ ପୁନିଆ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଉଭୟ ବୃହତ୍ ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ରହିଥିବା ବ୍ୟାବସାୟିକ ସୁଯୋଗ ସଂପର୍କରେ ଆଲୋକପାତ କରିଥିଲେ । ଉଦ୍ୟୋଗୀମାନଙ୍କୁ ରାଜ୍ୟରେ ବ୍ୟବସାୟ ସଂପ୍ରସାରଣ ପାଇଁ ଇପିକଲ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ସେ କହିଥିଲେ । ଫିକି ଓଡିଶା ଅଧ୍ୟକ୍ଷ ତଥା ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍ର ସିଓଓ (ଓଡିଶା ଅପରେସନ) ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେବା ସହିତ ସରକାରଙ୍କ ପକ୍ଷରୁ ନିକଟରେ ଆଗତ କରାଯାଇଥିବା ବଜେଟ୍ର ପ୍ରଶଂସା କରିଥିଲେ । ରାଜ୍ୟ ସରକାର ଖଣି କ୍ଷେତ୍ର ପାଇଁ ଅଧିକ ଅର୍ଥ ଆବଣ୍ଟନ କରିଛନ୍ତି ବୋଲି ସେ କହିଥିଲେ । ଫିକି ଓଡିଶାର ପୂର୍ବତନ ଅଧ୍ୟକ୍ଷ ତଥା ସମ୍ବାଦ ଗ୍ରୁପର ଏମ୍ଡି ମୋନିକା ନାୟାର ପଟ୍ଟନାୟକ ସଂଘ ପକ୍ଷରୁ ଜଟିଳ ସମୟରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପ୍ରକାର ପଦକ୍ଷେପ ସଂପର୍କରେ ସୂଚ୍ନା ଦେଇଥିଲେ । ଓଡିଶାକୁ ଏକ ନୂଆ ସ୍ତରକୁ ନେବାପାଇଁ ମିଳିମିଶି କାମ କରିବା ଲାଗି ସେ ଶିଳ୍ପସଂସ୍ଥାଗୁଡିକୁ ଆହ୍ୱାନ ଦେଇଥିଲେ । ରାଜ୍ୟରେ ଖଣି, ଶକ୍ତି, ପର୍ଯ୍ୟଟନ, ଶିକ୍ଷା, ଦକ୍ଷତା ବିକାଶ ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ରାଜ୍ୟ ପରିଷଦର ସଦସ୍ୟମାନଙ୍କର ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଲୋଚ୍ନାଚ୍କ୍ରରେ ବିଶିଷ୍ଟ ଉଦ୍ୟୋଗୀ ତଥା ଫିକି ଜାତୀୟ ପର୍ଯ୍ୟଟନ ପରିଷଦର ସହ-ଅଧ୍ୟକ୍ଷ ତଥା ସ୍ୱସ୍ତି ଗ୍ରୁପ ସିଏମ୍ଡି ଜେକେ ମହାନ୍ତି, ଏସ୍ଏନ୍ଏମ୍ ଗ୍ରୁପ୍ ଏମ୍ଡି ପ୍ରବୋଧ ମହାନ୍ତି, ଫିକି ଓଡିଶାର ରପ୍ତାନି ଟାସ୍କଫୋର୍ସ ଅଧ୍ୟକ୍ଷ ରାଜେନ ପାଢ଼ୀ, ସି ଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ସଭାପତି ସଞ୍ଜୀବ କୁମାର ରାଉତ, ସୃଷ୍ଟି ଏକାଡେମି ଅଫ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଡ. ଜିଡି ମିଶ୍ର, ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ ଶଶିଭୂଷଣ ଉପାଧ୍ୟାୟ ଭାଗ ନେଇଥିଲେ । ଫିକି ଓଡିଶା ରାଜ୍ୟ ପରିଷଦ ମୁଖ୍ୟ ସଞ୍ଜୀବ କୁମାର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଦେଇଥିଲେ ।

## 'ବିଜୁବାବୁଙ୍କ କାମ କରିବା ଶୈଳୀ ଥିଲା ନିଆରା'




ଭୁବନେଶ୍ୱର: ବିଜୁବାବୁ ଥିଲେ ଅନନ୍ୟ । ତାଙ୍କ କାମ କରିବା ଶୈଳୀ ଥିଲା ନିଆରା । ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଓଡ଼ିଶା ଓ ଓଡ଼ିଆ ଜାତିର ଉନ୍ନତି । ବିକାଶ, ସଶକ୍ତୀକରଣ ଓ ଓଡ଼ିଆ ସ୍ୱାଭିମାନ ହିଁ ସବୁବେଳେ ତାଙ୍କର ସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ମହିଳା ସଶକ୍ତୀକରଣ ତାଙ୍କର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ ଥିଲା । ଏଦିଗରେ ସେ ଅନେକ ମାଇଲ ଷ୍ଟୋନ୍ ସୃଷ୍ଟି କରିଯାଇଛନ୍ତି । ସୂଚ୍ନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ଶ୍ରାଦ୍ଧୋତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ୍ ପ୍ଲାଟଫର୍ମରେ ଯୋଗ ଦେଇ ଏହା କହିଛନ୍ତି । ସେ କହିଥିଲେ, ନିକଟରେ ଅନୁଷ୍ଠିତ ପଞ୍ଚାୟତ ଓ ନଗରପାଳିକା ନିର୍ବାଚ୍ନରେ ମହିଳାମାନେ ବହୁସଂଖ୍ୟାରେ ଭାଗ ନେଇ ସଫଳତା ହାସଲ କରିବା ଖୁସିର ବିଷୟ । ମା' ମାନେ ହିଁ ଆମ ନୂଆ ଓଡ଼ିଶାର ସାରଥି । ସେମାନଙ୍କ ଦକ୍ଷତା ଓ ସଫଳତା ହିଁ ବିଜୁ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଜଳସଂପଦ, ସୂଚ୍ନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇ କହିଲେ, ବିଜୁବାବୁ ଶ୍ରମିକଙ୍କ ସ୍ୱାର୍ଥରକ୍ଷାଠାରୁ ଆରମ୍ଭ କରି ନାରୀ ସଶକ୍ତୀକରଣ, ପଞ୍ଚାୟତିରାଜ ବ୍ୟବସ୍ଥା, ଓଡ଼ିଶାରେ ଶିଳ୍ପାୟନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଅବଦାନ ଅତୁଳନୀୟ । ବିଏମ୍ସି ମେୟର ସୁଲୋଚ୍ନା ଦାସ କହିଲେ, ଦାରିଦ୍ର୍ୟ ଦୂରୀକରଣ ବିରୋଧରେ କାମ କରିବା ସହ କୃଷି ଓ ଶିଳ୍ପର କିପରି ସମୃଦ୍ଧି ହେବ ସେନେଇ ବିଜୁବାବୁ ଚ୍ିନ୍ତା କରୁଥିଲେ । ଯୁବଗୋଷ୍ଠୀ ସ୍ୱାଭିମାନର ସହ କିପରି ବଞ୍ଚିବ ସେନେଇ ଚ୍ିନ୍ତା କରିଥିଲେ । ବିଧାୟକ ଅନନ୍ତ ନାରାୟଣ ଜେନା ବିଜୁ ପଟ୍ଟନାୟକଙ୍କ ଅମ୍ଳାନ ସ୍ମୃତି ଓ ମହାନ୍ ଜୀବନାଦର୍ଶ ଓଡ଼ିଆ ଜାତିର ଇତିହାସକୁ ଗୌରବାମଣ୍ଡିତ କରିବ ବୋଲି କହିଥିଲେ । ବିଧାୟକ ସୁଶାନ୍ତ କୁମାର ରାଉତ ବିଜୁ ବାବୁଙ୍କ ସେବା ଓ ତ୍ୟାଗ ମନୋଭାବ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଉତ୍କଳ ପ୍ରସଙ୍ଗ ସଂପାଦକ ଲେନିନ୍ ମହାନ୍ତି ବିଜୁ ବାବୁ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ । ସୂଚ୍ନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚ୍ିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ସୂଚ୍ନା ଅଧିକାରୀ ପ୍ରମିଳା ମାଝି କାର୍ଯ୍ୟକ୍ରମ ପରିଚ୍ାଳନା କରିଥିଲେ ।

## ବିଜେଡିରେ ଯୋଗଦେଲେ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ମିହିର ରାୟ

ଭୁବନେଶ୍ୱର : ରାଉରକେଲାର ଜଣାଶୁଣା ସମାଜସେବୀ, ସଂଗଠକ ତଥା ବରିଷ୍ଠ ସାମ୍ବାଦିକ ମିହିର ରାୟ ଆଜି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ବିଜେଡିର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ଶ୍ରୀ ରାୟଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଶ୍ରୀ ରାୟଙ୍କ ଭଳି ଜଣେ ଯୁବ ସଂଗଠକଙ୍କ ଯୋଗଦାନ ଫଳରେ ବିଭିନ୍ନ ସାଂଗଠନିକ ସ୍ତରରେ ଦଳ ଅଧିକ ମଜବୁତ ହେବ ବୋଲି ବିଜେଡିର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ମତ ବ୍ୟକ୍ତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ରାୟ ପ୍ରାୟ ୨୫ ବର୍ଷ ଧରି ଟାଇମ୍ସ ଅଫ ଇଣ୍ଡିଆ, ଏସିଆନ ଏଜ୍ ଭଳି ଆଗଧାଡିର ଇଂରାଜୀ ଦୈନିକର ପ୍ରତିନିଧି ଭାବେ ରାଉରକେଲା ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ଏହା ବ୍ୟତୀତ ଶିଳ୍ପ ନଗରୀ ରାଉରକେଲାର ବିଭିନ୍ନ ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଓ କ୍ରୀଡା ସଂଗଠନ ସହ ଜଡ଼ିତ ରହି ବିଜୁ ପଟ୍ଟନାୟକ ମିନି ମାରାଥନ ଓ ବିଜୁ ପଟ୍ଟନାୟକ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଭଳି ଜାତୀୟ ଓ ରାଜ୍ୟ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ସୂଚ୍ାରୁରୂପେ ଆୟୋଜନ କରିଛନ୍ତି ।

## ଶିଳ୍ପୀଙ୍କ ପ୍ରଶଂସାରେ ଶତମୁଖ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : କଳାପ୍ରାଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବ ଶିଳ୍ପୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି । ଶିଳ୍ପୀଙ୍କ ସୃଜନଶୀଳତାକୁ ପ୍ରଶଂସା କରିବା ସହ ସେ ଶୁଭେଚ୍ଛା ଜଣାଇଛନ୍ତି । ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଶିଳ୍ପୀ ଉମା ଆଚାରୀ 'ଓଡ଼ିଶା ଭିଜନ' ନାମରେ ଏକ ଚିତ୍ର ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଫଟୋ ଥିବା ବେଳେ ତାଙ୍କ ନିକଟରେ ବସିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ । ଜେନ୍ ଚିତ୍ରକଳା ମହାବିଦ୍ୟାଳୟର ଏକ ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ଚିତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ ପାଣ୍ଡିଆନ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ଖଲ୍ଲିକୋଟ କଲେଜର ଛାତ୍ର ଦିଲ୍ଲୀପ କୁମାର ମହାରଣାଙ୍କ କଳାକୃତିକୁ ପ୍ରଶଂସା କରିଛନ୍ତି । ଦିଲ୍ଲୀପ ପ୍ରସ୍ତୁତ କରିଥିବା ମା' ତାରାତାରିଣୀ ମନ୍ଦିରର କଳାକୃତି ଖୁବ୍ ଚମତ୍କାର ହୋଇପାରିଛି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ୟୁକ୍ରେନ୍ ଫେରନ୍ତା ଛାତ୍ରଛାତ୍ରୀଙ୍କ ସ୍ମାରକପତ୍ର




ଭୁବନେଶ୍ୱର: ଭାରତରେ ମେଡିକାଲ ଅଧ୍ୟୟନରେ ସହାୟତା ଦାବିରେ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଛାତ୍ରଛାତ୍ରୀମାନେ କହିଛନ୍ତି, ଯୁଦ୍ଧଗ୍ରସ୍ତ ୟୁକ୍ରେନରୁ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମ ଯୋଗୁଁ ନିରାପଦ ଭାବେ ଉଦ୍ଧାର ହୋଇପାରିଛନ୍ତି । ସେମାନଙ୍କର ପାଠପଢ଼ା ଅଧା ରହିଛି । ବର୍ତ୍ତମାନ ପରିସ୍ଥିତିରେ ୟୁକ୍ରେନକୁ ଯାଇ ପାଠପଢ଼ିବା ସମ୍ଭବ ନୁହେଁ । ଭାରତରେ ଆଗକୁ କିପରି ସେମାନଙ୍କର ମେଡିକାଲ ପାଠପଢ଼ା ଜାରି ରହିବ ସେ ନେଇ କେନ୍ଦ୍ରସରକାର ସହଯୋଗର ହାତ ବଢ଼ାଇବା ଦାବି କରିଛନ୍ତି । ଛାତ୍ରଛାତ୍ରୀଙ୍କ ସହ ଆଲୋଚ୍ନା କରି ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଆଗାମୀ ପଢ଼ା ନେଇ କେନ୍ଦ୍ର ସରକାର, ମେଡିକାଲ କମିସନ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ।

## ଦେଶର ୬ଟି ପ୍ରକଳ୍ପ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କଲା ଭୁବନେଶ୍ୱର ସ୍ମାର୍ଟ ସିଟି ପ୍ରକଳ୍ପ

ଭୁବନେଶ୍ୱର: ପୋଖରୀ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ଦେଶର ୬ଟି ପ୍ରକଳ୍ପ ମଧ୍ୟରୁ ଭୁବନେଶ୍ୱର ସ୍ମାର୍ଟ ସିଟି ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି । ମାଆ ମଙ୍ଗଳା ବସ୍ତିରେ ଥିବା ଏକ ପୋଖରୀକୁ ମାତ୍ର ୭୫ ଘଣ୍ଟା ମଧ୍ୟରେ ପୁନରୁଦ୍ଧାର କରାଯାଇଛି । ଏଥି ସହିତ ବସ୍ତିରେ ଅବ୍ୟବହୃତ ହୋଇ ପଡ଼ି ରହିଥିବା ଏକ ଖୋଲାସ୍ଥାନକୁ ସର୍ବସାଧାରଣଙ୍କ ବ୍ୟବହାର ଉପଯୋଗୀ କରାଯାଇଛି । ଏହି ଖାଲିସ୍ଥାନରେ ଏବେ ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଉପକରଣ ଓ ପିଲାଙ୍କ ଖେଳ ଉପକରଣ ଲଗାଯାଇଛି । କେନ୍ଦ୍ର ଗୃହ ନିର୍ମାଣ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । କେବଳ ପୋଖରୀ କିମ୍ବା ଅବବ୍ୟହୃତ ସ୍ଥାନକୁ ବ୍ୟବହାର ଉପଯୋଗୀ କରାଯାଇନି । ବରଂ ବସ୍ତିରେ ଥିବା ଏକ ମନ୍ଦିରର ମଧ୍ୟ ରୂପାନ୍ତରଣ କରାଯାଇଛି । ବସ୍ତିବାସିନ୍ଦାଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟ ସମ୍ଭବ ହୋଇଥିବା ସ୍ମାର୍ଟ ସିଟି ପକ୍ଷରୁ କୁହାଯାଇଛି ।

# ଆଦାନୀ ବିଶ୍ୱର ଷଷ୍ଠ ଧନୀ ବ୍ୟକ୍ତି



ନୂଆଦିଲ୍ଲୀ: ଗୌତମ ଆଦାନୀ ବିଶ୍ୱର ଷଷ୍ଠ ଏବଂ ଏସିଆର ଶୀର୍ଷ ଧନୀ ବ୍ୟକ୍ତିରେ ପରିଣତ ହୋଇଛନ୍ତି। ଫୋର୍ବସ ରିଅଲ-ଟାଇମ୍ ବିଲିୟନାୟେରା ଟ୍ରାକର ଅନୁଯାୟୀ ଆଦାନୀଙ୍କ ମୋଟ ସଂପତ୍ତି ୧୨୩.୪ ବିଲିଅନ ଡଲାରରେ ପହଞ୍ଚିଛି। ଫୋର୍ବସ ଧନୀ ବ୍ୟକ୍ତି ତାଲିକାରେ ସେ ଷଷ୍ଠ ସ୍ଥାନରେ ଥିବାବେଳେ ମୁକେଶ ଅମ୍ବାନୀ ୧୦ମ ସ୍ଥାନରେ ରହିଛନ୍ତି। ଅମ୍ବାନୀଙ୍କ ନିଟ୍ ସଂପତ୍ତି ୯୮ ବିଲିଅନ ଡଲାର ବୋଲି ଆକଳନ କରାଯାଇଛି। ଗତ ସପ୍ତାହରେ ଆବୁଧାବିସ୍ ଇଣ୍ଟରନ୍ୟାସନାଲ ହୋଲଡିଂ କମ୍ପାନି ଆଦାନିଙ୍କ ସବୁଜ ଶକ୍ତିଭିତ୍ତିକ ବ୍ୟବସାୟରେ ୨ ବିଲିଅନ ଡଲାର ନିବେଶ କରିବ ବୋଲି ଘୋଷଣା କରିଥିଲା। ଏହାପରେ ଆଦାନୀଙ୍କ କମ୍ପାନିଗୁଡିକର ସେୟାର ମୂଲ୍ୟରେ ମାତ୍ରାଧିକ ବୃଦ୍ଧି ହୋଇଛି। ଚଳିତବର୍ଷ ଆଦାନିଙ୍କ କମ୍ପାନିର ସେୟାର ମୂଲ୍ୟ ୧୦୩.୪୬ ପ୍ରତିଶତ ବଢ଼ିଛି।

# ସ୍ୱଳ୍ପ ସୁଧରେ ଗୃହଋଣ ଦେବ ଷ୍ଟେଟ୍ ବ୍ୟାଙ୍କ, ମହିଳାଙ୍କ ଲାଗି ବିଶେଷ ରିହାତି




ନୂଆଦିଲ୍ଲୀ : ସ୍ୱଳ୍ପ ସୁଧରେ ଗୃହଋଣ ପ୍ରଦାନ କରିବ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଋଣଗ୍ରହୀତାଙ୍କ ଲାଗି ଉଦ୍ଦିଷ୍ଟ ସମସ୍ତ ଲାଭ ସହିତ ମହିଳା ଋଣଗ୍ରହୀତାଙ୍କ ସୁଧରେ ଅଧିକ ରିହାତି ମିଳିବ ବୋଲି ବ୍ୟାଙ୍କ କହିଛି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଅନୁଯାୟୀ ସମସ୍ତ ଗ୍ରାହକଙ୍କ ପାଇଁ ଋଣ ଦେୟ ରାଶି ସମାନ ରହିଛି। ତେବେ ଦେଶର ସର୍ବବୃହତ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ଭାବେ ଏସବିଆଇ ଋଣଦାତାଙ୍କୁ ଯାବତୀୟ ସୁବିଧା ବ୍ୟତୀତ ମହିଳାମାନଙ୍କ କ୍ଷେତ୍ରରେ ରିହାତି ମଧ୍ୟ ପ୍ରଦାନ କରିବ। ଏହାର ସମସ୍ତ ବିବରଣୀ ଷ୍ଟେଟବ୍ୟାଙ୍କ ଏକ ଟ୍ୱିଟ ମାଧମରେ ପ୍ରକାଶ କରିଛି। ଏ ନେଇ ସମସ୍ତ ବିବରଣୀ (https://homeloans.sbi) ଏହି ୱେବସାଇଟରେ ଉପଲବ୍ଧ। ଷ୍ଟେଟବ୍ୟାଙ୍କର ଏହି ୱେସାଇଟକୁ ଯାଇ ଜଣେ ଋଣ ପରିମାଣ, ସୁଧ ପରିମାଣ ଓ ଇଏମଆଇ ପରିମାଣ ସଂପର୍କିତ ସମସ୍ତ ତଥ୍ୟ ପାଇପାରିବେ। ତେବେ ଋଣ ନେବା ଲାଗି ଜଣେ ଭାରତୀୟ ନାଗରିକ ହେବା ଦରକାର ଓ ତାଙ୍କର ବୟସ ୧୮ ବର୍ଷ ହୋଇଥିବା ବିଧେୟ। ଜଣେ ସର୍ବାଧିକ ୩୦ ବର୍ଷ ଲାଗି ଋଣ ନେଇ ପାରିବେ। ୭୦ ବର୍ଷ ବୟସରୁ ଅଧିକ ବୟସ୍କଙ୍କୁ ବ୍ୟାଙ୍କ ଗୃହଋଣ ଦେବ ନାହିଁ ବୋଲି ସୂଚନା ଦିଆଯାଇଛି।

# ଏଲ୍ଆଇସି ଏମ୍‌ଡିଙ୍କୁ ଅବସରପ୍ରାପ୍ତ ପ୍ରଥମ ଶ୍ରେଣୀ ଅଫିସର ସଂଘର ଦାବିପତ୍ର ପ୍ରଦାନ

ଭୁବନେଶ୍ୱର: ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ବରିଷ୍ଠ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସିଦ୍ଧାର୍ଥ ମହାନ୍ତି ଦୁଇଦିନିଆ ଓଡିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସର୍ବ ଭାରତୀୟ ଏଲ୍ଆଇସି ଅବସରପ୍ରାପ୍ତ ପ୍ରଥମ ଶ୍ରେଣୀ ଅଫିସର ସଂଘ ଓଡିଶା ଶାଖା ପକ୍ଷରୁ କଟକଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହିତ ସାକ୍ଷାତ ଆଲୋଚନା କରାଯାଇଛି। ଆଲୋଚନା ବେଳେ ତାଙ୍କୁ ସଂଘ ପକ୍ଷରୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। କଟକର ନେତୃବୃନ୍ଦଙ୍କ ମଧ୍ୟରୁ ତ୍ରିଲୋଚନ ମିଶ୍ର, ଗଣେଶ କୁଣ୍ଡୁ, ଜ୍ୟୋତିଷ ରାୟ ଆଲୋଚନାରେ ଭାଗନେଇ ୧୯୯୮ ମସିହାରୁ ଚାଲି ଆସୁଥିବା ପେନସନ୍ ବ୍ୟବସ୍ଥାରେ ସଂସ୍କାର, ଫ୍ୟାମିଲି ପେନସନ୍‌ରେ ସୁଧାର, ବରିଷ୍ଠ ପେନସନଭୋଗୀଙ୍କ ପାଇଁ ପ୍ରତି ୫ ବର୍ଷରେ ପେନସନ ରାଶି ବୃଦ୍ଧି, ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଉତ୍ତମ ବ୍ୟବସ୍ଥା, ବାଲେଶ୍ୱରଠାରେ ଏକ ନୂତନ ମଣ୍ଡଳ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରଠାରେ ଏକ ଜୋନାଲ ଅଡିଟ୍ କେନ୍ଦ୍ରର ଶୁଭାରମ୍ଭ ଆଦି ଦାବି ଉପସ୍ଥାପିତ କରିଥିଲେ। ଦାବିଗୁଡିକୁ ଏମଡି ଶ୍ରୀ ମହାନ୍ତି ଧୈର୍ଯ୍ୟର ସହ ଶୁଣିବା ସହିତ ଉପଯୁକ୍ତ ଫୋରମ୍‌ରେ ଉପସ୍ଥାପିତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ମଧ୍ୟ ଉକ୍ତ ସାକ୍ଷାତ ଆଲୋଚନା ଅବସରରେ ଉପସ୍ଥିତ ଥିଲେ।

# ପିଏନ୍‌ବି ପକ୍ଷରୁ କାର୍ଡ ବିହୀନ ଟଙ୍କା ଉଠାଣ, ଭର୍ଚୁଆଲ ଡେବିଟ୍ କାର୍ଡ ପ୍ରଚଳନ



ନୂଆଦିଲ୍ଲୀ: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ରାଷ୍ଟ୍ରପତି ନିଜର ସେବା ଯୋଗାଣ ଗୌରବମୟ ୧୨୭ବର୍ଷ ପୂର୍ତି ଅବସରରେ କାର୍ଡ ବିହୀନ ନଗଦ ଟଙ୍କା ଉଠାଣ, ଭର୍ଚୁଆଲ ଡେବିଟ୍ କାର୍ଡ ସହିତ ଏହାର ମୋବାଇଲ୍ ଅହାପ୍ ପିଏନ୍‌ବି ୱାନ୍‌ରେ ବହୁବିଧ ବଛା ବଛା ଡିଜିଟାଲ ସେବା ପ୍ରଚଳନ କରିଛି। ବ୍ୟାଙ୍କିଙ୍ଗ କାରବାରକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ପିଏନ୍‌ବିର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଅତୁଲ କୁମାର ଗୋଏଲ ନୂଆଦିଲ୍ଲୀସ୍ଥିତ ବ୍ୟାଙ୍କ ମୁଖ୍ୟ ଦପ୍ତରଠାରେ ଏହି ନୂତନ ସେବାଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବ୍ୟାଙ୍କର ଏକଜିକ୍ୟୁଟିଭ୍ ଡାଇରେକ୍ଟର ବିଜୟ ଦୁବେ, ସ୍ୱରୂପ କୁମାର ଶାହା ଏବଂ କଲ୍ୟାଣ କୁମାରଙ୍କ ସମେତ ବ୍ୟାଙ୍କର ମୁଖ୍ୟ ଭଜିଲାନ୍ସ ଅଧିକାରୀ ବିଜୟ କୁମାର ତ୍ୟାଗୀ, ସିଜିଏମ ବୃନ୍ଦ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଗୋଏଲ କହିଥିଲେ ଯେ ଆର୍ଥିକ କ୍ଷେତ୍ର ମଜଭୁତ ଭାବରେ ପୁନରୁଦ୍ଧାର ପଥକୁ ଫେରିଥିବା ବେଳେ ପିଏନ୍‌ବି ଦମ୍‌ଦାର ଅଭିବୃଦ୍ଧି ଲକ୍ଷ୍ୟ କରୁଛି। ଏହି ଅବସରରେ ପିଏନ୍‌ବି ଏକାଧିକ ସଂପୂର୍ଣ୍ଣ ନୂତନ ବ୍ୟବଛା ପ୍ରଚଳନ କରି ଡିଜିଟାଲ ରୂପାନ୍ତରଣ ଦିଗରେ ନିଜର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଛି।

# ଇପିଏଫ୍‌ଓ ବେତନ ସୀମା ୨୧ ହଜାର ଟଙ୍କାକୁ ବଢ଼ିବ, ଉପକୃତ ହେବେ ୭୫ ଲକ୍ଷ କର୍ମଚାରୀ

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସମ୍ପର୍କିତ ଏକ ବଡ ଖବର ସାମ୍ନାକୁ ଆସିଛି ଯାହା ଯଦି କାର୍ଯ୍ୟକାରୀ ହେବ ତେବେ ଅଣସଂଗଠିତ କ୍ଷେତ୍ରର କୋଟି କୋଟି କର୍ମଚାରୀ ଉପକୃତ ହେବେ। ଇପିଏଫ୍‌ଓର ମାସିକ ବେତନ ସୀମାକୁ ବର୍ତ୍ତମାନର ୧୫ ହଜାର ଟଙ୍କାରୁ ବଢ଼ାଇ ୨୧ ହଜାର ଟଙ୍କା କରିବା ଲାଗି ଏକ କମିଟି ପ୍ରସ୍ତାବ ଦେଇଛି। ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଏହି ସୁପାରିସ କରିଛି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ୭୫ ଲକ୍ଷ କର୍ମଚାରୀ ଇପିଏଫ୍‌ଓ ପରିସରରେ ସାମିଲ ହେବାର ସୁଯୋଗ ପାଇବେ। ଇପିଏଫଓ ଅଧୀନକୁ ଆସିବା ପରେ ସେମାନଙ୍କୁ ସଂଗଠନ ପ୍ରଦାନ କରୁଥିବା ସବୁ ପ୍ରକାର ସୁବିଧା ସୁଯୋଗ ମିଳିବ। ମାସିକ ବେତନ ସୀମା ବଢ଼ାଇବା ଲାଗି ଇପିଏଫ୍‌ଓ ଚାରି ବର୍ଷ ପୂର୍ବ ଅର୍ଥ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ତା' ଉପରେ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇପାରିନାହିଁ। ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ପକ୍ଷରୁ କୁହାଯାଇଛି ଯେ ସରକାର ଯଦି ଚାହିବେ ତେବେ ଲାଭ କ୍ଷତି ହିସାବକୁ ନେଇ ବେତନ ସୀମା ବୃଦ୍ଧ ପ୍ରସ୍ତାବକୁ ପରବତୀ ସମୟରେ ମଧ୍ୟ ଲାଗୁ କରିପାରିବେ। ଇପିଏଫ୍‌ଓରେ ସାମିଲ ହେବା ଲାଗି ମାସିକ ବେତନ ସୀମା ଏବେ ୧୫ ହଜାର ଟଙ୍କା ରହିଛି। ଯଦି ଏହି ସୀମା ବଢ଼ିବ ତେବେ ଲକ୍ଷ ଲକ୍ଷ ଅନ୍ୟ କର୍ମଚାରୀ ସଂଗଠନରେ ସାମିଲ ହୋଇପାରିବେ। ଶେଷ ଥର ଲାଗି ୨୦୧୪ରେ ମାସିକ ବେତନ ସୀମାକୁ ୬,୫୦୦ ଟଙ୍କାରୁ ବଢ଼ାଇ ୧୫,୦୦୦ ଟଙ୍କା କରାଯାଇଥିଲା। ଏବେ ଦରଦାମରେ ଯେଉଁଭଳି ବୃଦ୍ଧି ହେଉଛି ତାହାକୁ ଯଦି ଦୃଷ୍ଟି ଦିଆଯିବ ତେବେ ବେତନ ସୀମା ବଢ଼ାଇଲେ ବହୁ କର୍ମଚାରୀ ଉପକୃତ ହେବେ। ଇପିଏଫ୍‌ଓର ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଟ୍ରଷ୍ଟିଜ୍ ଏହାକୁ ଲାଗୁ କରିବା ବିଷୟରେ ବିଚାର କରିପାରେ ବୋଲି କମିଟି କହିଛି। ବେତନ ସୀମା ବୃଦ୍ଧି ସମ୍ପର୍କରେ ନିଯୁକ୍ତିଦାତାମାନେ କହିଛନ୍ତି ଯେ ଯଦି ଏହି ନିଷ୍ପତ୍ତି ଏବେ ଲାଗୁ କରାଯିବ ତେବେ ସେମାନଙ୍କ ବାଲାନ୍ସ ସିଟ୍ ଉପରେ ଚାପ ବଢ଼ିବ। ଏହି ପ୍ରସ୍ତାବ ଲାଗୁ କରିବା ଲାଗି ଅଧିକ ସମୟ ଦେବାକୁ ସେମାନେ କହିଛନ୍ତି। କେବଳ ନିଯୁକ୍ତିଦାତା ନୁହେଁ ସରକାରଙ୍କ ଉପରେ ମଧ୍ୟ ବୋଝ ବଢ଼ିବ। ଏବେ ଇପିଏଫ୍‌ଓର ପେନ୍‌ସନ୍ ସ୍କିମ୍ ପାଇଁ ସରକାର ପ୍ରତିବର୍ଷ ୬,୭୫୦ କୋଟି ଟଙ୍କା ଦେଉଛନ୍ତି। ପ୍ରଚଳିତ ନିୟମ ଅନୁସାରେ ୨୦ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥା ଇପିଏଫ୍‌ଓରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ସେହିପରି, ମାସିକ ୧୫ ହଜାର ଟଙ୍କାରୁ କମ୍ ବେତନ ପାଉଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ଏହି ସ୍କିମ୍ ବାଧ୍ୟତାମୂଳକ ରହିଛି। ବେତନ ସୀମାକୁ ୨୧ ହଜାର ଟଙ୍କାକୁ ବୃଦ୍ଧି କଲେ ଅଧିକରୁ ଅଧିକ କର୍ମଚାରୀ ଇପିଏଫ୍‌ଓର ଅବସରକାଳୀନ ଯୋଜନାରେ ସାମିଲ ହେବାର ସୁଯୋଗ ପାଇବେ। ଏହା ଦ୍ୱାରା ବେତନ ସୀମା କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ଧାର୍ଯ୍ୟ କରିଥିବା ବେତନ ସୀମା ସହ ସମାନ ହୋଇଯିବ।

# ଏଲ୍ଆଇସିରେ ୨୦% ଏଫ୍‌ଡିଆଇକୁ ଅନୁମତି

ନୂଆଦିଲ୍ଲୀ: ସରକାରୀ ବୀମା କଂପାନି ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ରେ ୨୦ ପ୍ରତିଶତ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜିନିବେଶ (ଏଫ୍ ?ଡିଆଇକୁ ଅନୁମତି ଦେବା ଲାଗି ବୈଦେଶିକ ମୁଦ୍ରା ପରିଚାଳନା ନିୟମ (ଫେମା)ରେ ସଂଶୋଧନ କରାଯାଇଛି। ସ୍ୱୟଂକ୍ରିୟ ରୁଟ୍‌ରେ ଏଲଆଇସିକୁ ବିଦେଶୀ ପୁଞ୍ଜି ଆସିପାରିବ। ଷ୍ଟକ ବଜାରରେ ପ୍ରବେଶ କରିବାକୁ ଯାଉଥିବା ଏଲ୍ ?ଆଇସି ପାଇଁ ବିଦେଶୀ ନିବେଶକଙ୍କୁ ଆକୃଷ୍ଟ କରିବା ସହଜ ହେବ ବୋଲି କୁହାଯାଇଛି। ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ ଏଲ୍ଆଇସିର ୫% ଅଂଶଧନ ବିକ୍ରି କରି ପ୍ରାୟ ୬୩ ହଜାର କୋଟି ଟଙ୍କା ହାସଲ କରିବାକୁ ସରକାର ଯୋଜନା ରଖିଛନ୍ତି। ସେଥିପାଇଁ ପୁଞ୍ଜି ବଜାରର ନିୟାମକ ସଂସ୍ଥା ସେବି ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ସରକାରୀ ବ୍ୟାଙ୍କରେ ସରକାରଙ୍କ ଅନୁମୋଦନକ୍ରମେ ୨୦ ପ୍ରତିଶତ ଏଫ୍‌ଡିଆଇ ନିବେଶକୁ ଅନୁମତି ପ୍ରଦାନ କରାଯାଇଛି।

# ପିଏନ୍‌ବି ପକ୍ଷରୁ ୧୨୮ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର: ଦେଶର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ କରାଯାଇ ୧୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ସଞ୍ଜୀବ ଭରଦ୍ୱାଜ ଏହି ଶିବିରର ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କର ପୋଖରୀପୁଟ ଶାଖାରେ ଏକ ସ୍ୱାସ୍ଥ୍ୟପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା ଏବଂ ଆଞ୍ଚଳିକ ମୁଖ୍ୟ ସଞ୍ଜୀବ ଭରଦ୍ୱାଜ ଓ ଭୁବନେଶ୍ୱରର ସର୍କଲ ମୁଖ୍ୟ ପରେଶ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କର ମାଳି ସାହି ଶାଖାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ମେଳା ଆୟୋଜିତ ହୋଇଥିଲା ଏବଂ ଏହାକୁ ଆଞ୍ଚଳିକ ମୁଖ୍ୟ ସଞ୍ଜୀବ ଭରଦ୍ୱାଜ, ମହାପ୍ରବନ୍ଧକ ମୁକ୍ତି ରଞ୍ଜନ ରାୟ ଏବଂ କଟକର ସର୍କଲ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କ ତରଫରୁ ଏକ ଭ୍ରାମ୍ୟମାଣ ଏଟିଏମ୍ ଭ୍ୟାନ୍ ଉଦ୍‌ଘାଟନ କରାଯାଇଥିଲା ଏବଂ ଏହାକୁ ଆଞ୍ଚଳିକ ମୁଖ୍ୟ ଶ୍ରୀ ଭରଦ୍ୱାଜ ଓ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କ ଗହଣରେ ଉଦ୍‌ଘାଟନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ସମସ୍ତ ଶାଖା ଓ ସର୍କଲ କାର୍ଯ୍ୟାଳୟଗୁଡିକ ତରଫରୁ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଆଞ୍ଚଳିକ ମୁଖ୍ୟ ଶ୍ରୀ ଭରଦ୍ୱାଜ ଗ୍ରାହକ ଓ କର୍ମଚାରୀମାନଙ୍କୁ ସମ୍ବୋଧନ କରି ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତଃ ଲାଲା ଲାଜପତ ରାୟ, ଇ.ସି ଜେସୱାଲ, ବାବୁ କାଳି ପ୍ରସନ୍ନ ରାୟ, ଲାଲା ହରେକୃଷ୍ଣ ଲାଲ ଏବଂ ସର୍ଦ୍ଦାର ଦୟାଲ ସିଂ ମାଝିଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୧୮୯୫ ମସିହା ଏପ୍ରିଲ ୧୨ତାରିଖରେ ଲାହୋର ଠାରେ ଆରମ୍ଭ ହୋଇଥିଲା।

# ଓମ୍‌ଫେଡ୍ ଇ-ବଜାର ପୁରସ୍କାରରେ ସମ୍ମାନିତ



ଗାନ୍ଧୀନଗର: ଗୁଜୁରାଟରେ ଜାତୀୟ ଡେରୀ ସମବାୟ ମହାସଂଘ (ଏନସିଡିଏଫଆଇ) ଦ୍ୱାରା ଇ-କମର୍ସରେ ସକ୍ରିୟ ଅଂଶଗ୍ରହଣ ପାଇଁ ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ମହାସଂଘ (ଓମଫେଡ)କୁ ଇ-ବଜାର ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ ଉତ୍ସବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ କରକମଳରୁ ଓମଫେଡର ପରିଚାଳନା ନିର୍ଦ୍ଦେଶକ ଆଶିଷ ଚନ୍ଦ୍ର ସିହ୍ନା ଏହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ବି.ଏଲ.ଶର୍ମା, ଗୁଜରାଟର ସମବାୟ ବିଭାଗ ମନ୍ତ୍ରୀ ଜଗଦୀଶ ପାଞ୍ଚାଲ, ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶକ ସତୀଶ ମରାଠେ, ଜାତୀୟ ଡେରୀ ବିକାଶ ସଂସ୍ଥାନର ଅଧ୍ୟକ୍ଷ ମିନେଶ ଶାହା, ଜାତୀୟଡେରୀ ସମବାୟ ମହାସଂଘର ଅଧ୍ୟକ୍ଷ ମଙ୍ଗଳଜିତ ରାଏ ଏବଂ ପରିଚାଳନା ନିର୍ଦ୍ଦେଶକ କେ.ସି.ସୁପକାର ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଜାତୀୟ ଡେରୀ ସମବାୟ ମହାସଂଘ ସମବାୟ କ୍ଷେତ୍ରରେ ଏକ ପଞ୍ଜୀକୃତ ତଥା ସମ୍ପ୍ରତି ବହୁମୂଖୀ ରାଜ୍ୟ ସମବାୟ ଆଇନ ପରିସରଭୁକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ର ସମବାୟ ମହାସଂଘ ମାନଙ୍କୁ ଅନ୍ତର୍ଭୁକ୍ତ କରୁଥିବା ଏକ ଶୀର୍ଷ ସମବାୟ ସଂସ୍ଥା। ଓମଫେଡ ମୁଖ୍ୟତଃ ଡେୈରୀଯନ୍ତ୍ରପାତି, ଡେୈରୀ ଓ ଗୋଖାଦ୍ୟ କାରଖାନା ରେ ବ୍ୟବହୃତ କଞ୍ଚାମାଲ ପାଇଁ ( ଇ-ବଜାର )ଇ-କମର୍ସରେ ସକ୍ରିୟ ଅଂଶଗ୍ରହଣ କରିଆସୁଛି। ଜାତୀୟ ଡେରୀ ସମବାୟ ମହାସଂଘ (ଏନସିଡିଏଫଆଇ)ର ଇ-ବଜାର ମାଧ୍ୟମରେ ଓମଫେଡ ଉଚ୍ଚକୋଟୀର ମୂଲ୍ୟ ନିରୂପଣ ବ୍ୟବସ୍ଥା, ଉତ୍ପାଦର ନିଶ୍ଚିତ ଗୁଣବତ୍ତା, ଦ୍ରୁତ ତଥା ବ୍ୟବହାରଯୋଗ୍ୟ ବ୍ୟବସ୍ଥା, କମ ବିନିମୟ ମୂଲ୍ୟ, ସ୍ୱଚ୍ଛତା ଏବଂ ସମୀକ୍ଷା ଯୋଗ୍ୟ ପଣ୍ୟଦ୍ରବ୍ୟର ବ୍ୟବସାୟ କରିଆସୁଛି।

# ୨୦୨୨-୨୩ରେ ୪୦,୦୦୦ ନୂଆ ନିଯୁକ୍ତି ଦେବ ଟିସିଏସ




ନୂଆଦିଲ୍ଲୀ : କରୋନା ମହାମାରୀର ପ୍ରକୋପ କମି ଆସୁଥିବାବେଳେ ଅର୍ଥନୀତି ପୁଣି ଅଭିବୃଦ୍ଧି ପଥକୁ ଫେରିବା ଆରମ୍ଭ କରିଛି। ଏହା ସହିତ ତାଳ ଦେଇ ନିଯୁକ୍ତି ବଜାରରେ ମଧ୍ୟ ଉତ୍ସାହ ଫେରୁଛି। ଦେଶର ବୃହତ୍ତମ ଆଇଟି କମ୍ପାନି ଟିସିଏସ୍ ଚଳିତ ଆର୍ଥିକ ବର୍ଷରେ ୪୦ ହଜାର ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛି। କମ୍ପାନି ଗତ ଆର୍ଥିକ ବର୍ଷ ଅର୍ଥାତ ୨୦୨୧-୨୨ରେ ବି ୪୦ ହଜାର ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଥିଲା। କିନ୍ତୁ ଆଇଟି ଉଦ୍‌ଯୋଗର ଦ୍ରୁତ ଅଭିବୃଦ୍ଧି ଯୋଗୁଁ କମ୍ପାନି ଧାର୍ଯ୍ୟ ଲକ୍ଷ୍ୟଠାରେ ଢେର ଅଧିକ ସଂଖ୍ୟକ ପ୍ରାୟ ୧ ଲକ୍ଷ କ୍ୟାମ୍ପସ ନିଯୁକ୍ତି ପ୍ରଦାନ କରିଥିଲା। କେବଳ ୪ର୍ଥ ତିନିମାସରେ କମ୍ପାନି ୩୫ ହଜାର ନିଯୁକ୍ତି ପ୍ରଦାନ କରିଥିଲା। ଏହାକୁ ମିଶାଇ କମ୍ପାନିର ମୋଟ କର୍ମଚାରୀ ସଂଖ୍ୟା ଏବେ ୫,୯୨,୧୨୫ ରହିଛି। ୨୦୨୧ (ଜାନୁଆରି ରୁ ଡିସେମ୍ବର) ରେ କମ୍ପାନି ପ୍ରାୟ ୪୦୧୬୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା। କରୋନା ମହାମାରୀ ପ୍ରଭାବରୁ ଅନ୍ୟ ଶିଳ୍ପକ୍ଷେତ୍ରଗୁଡ଼ିକରେ ଅଭିବୃଦ୍ଧି କମିଥିବାବେଳେ ଆଇଟି କ୍ଷେତ୍ରରେ ଅଭିବୃଦ୍ଧି ବଢିଛି। ଅଧିକ ଲୋକ ଡିଜିଟାଇଜେସନକୁ ଗ୍ରହଣ କରୁଥିବାରୁ ଏପରି ହେଉଛି ବୋଲି କୁହାଯାଉଛି। କେବଳ ଟିସିଏସ ନୁହେଁ, ଅନ୍ୟ କମ୍ପାନିମାନେ ବି ଚଳିତ ଆର୍ଥିକ ବର୍ଷରେ ଅଧିକ ନିଯୁକ୍ତି ପ୍ରଦାନ ପାଇଁ ଲକ୍ଷ୍ୟ ରଖିଛନ୍ତି।

# ଏଣିକି ୮ ନୁହେଁ, ୩୨ ଜଣଙ୍କୁ ନେଇ ହୋଇପାରିବ ହ୍ୱାଟ୍‌ସଆପ୍ ଗ୍ରୁପ୍ କଲ୍


ମୁମ୍ବାଇ: ଲୋକପ୍ରିୟ ମେସେଜିଂ ଆପ୍ ହ୍ୱାଟ୍‌ସଆପ୍ ଏକ ନୂଆ ଫିଚ୍ରର୍‌ର ଘୋଷଣା କରିଛି। ଏହି ଫିଚ୍ରର୍ ଜରିଆରେ ଏଣିକି ହ୍ୱାଟ୍‌ସଆପ୍ ଗ୍ରୁପ୍ କଲ୍‌ରେ ୩୨ ଜଣ ଯୋଡି ହୋଇପାରିବେ। ଏବେ ଗ୍ରୁପ୍ କଲ୍‌ରେ ସର୍ବାଧିକ ୮ ଜଣ କଥା ହୋଇ ପାରୁଛନ୍ତି। ଏହା ବ୍ୟତୀତ କମ୍ପାନି ଆହୁରି ଏକ ସୁବିଧା ମଧ୍ୟ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଗ୍ରୁପ୍‌ର ଆଡ୍‌ମିନ୍ ନିକଟରେ ଏବେ ଗ୍ରୁପ୍ ମେସେଜ୍ ଡିଲିଟ୍ କରିବାର ସାମର୍ଥ୍ୟ ରହିବ। ଥରେ ସେ ମେସେଜ ଡିଲିଟ୍ କରିବା ପରେ ଗ୍ରୁପ୍‌ର ଅନ୍ୟ କୌଣସି ସଦସ୍ୟ ତାହାକୁ ଆଉ ଦେଖିପାରିବେ ନାହିଁ। ମେଟା ପ୍ଲାଟ୍‌ଫର୍ମର ସିଇଓ ତଥା ହ୍ୱାଟ୍‌ସର ମାଲିକ ମାର୍କ ଜୁକରବର୍ଗ କହିଛନ୍ତି, 'ଆପଣଙ୍କ ଗ୍ରୁପ୍ ଚାଟ୍‌କୁ ଆହୁରି ସହଜ କରିବାକୁ ଆମେ ଏହି ସୁବିଧା ଯୋଗାଇ ଦେବୁ। ଗୋଟାଏ କମ୍ୟୁନିଟିରେ ଆପଣ ଭିନ୍ନ ଭିନ୍ନ ଗ୍ରୁପ୍‌କୁ ଏଣିକି ଏକତ୍ର କରିପାରିବେ। ଏହାବ୍ୟତୀତ ଆମେ ଲାର୍ଜ ଫାଇଲ୍ ସେୟାରିଂ ଏବଂ ବଡ ଧରଣର ଗ୍ରୁପ୍ କଲ୍ ସୁବିଧା ବି ଯୋଗାଇ ଦେବୁ।'ଉଲ୍ଲେଖଯୋଗ୍ୟ, ବ୍ୟବହାରକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମେସେଜିଂ ଆପ୍ ହ୍ୱାଟ୍‌ସଆପ୍ ଗୋଟାଏ ପରେ ଗୋଟାଏ ନୂଆ ଫିଚ୍ରର୍ ଲଞ୍ଚ୍ କରିବାରେ ଲାଗିଛି। କମ୍ପାନି ପୂର୍ବରୁ ଆହୁରି ଏକ ଫିଚ୍ରର୍ ଲଞ୍ଚ କରିବାକୁ ଯାଉଛି ବୋଲି ସୂଚନା ପ୍ରଦାନ କରିଥିଲା। ଆପଣ ଜାଣିଥିବେ ନିଶ୍ଚୟ ଯେ ହ୍ୱାଟ୍‌ସଆପ୍ ଜରିଆରେ ଅନେକ ଗୁଜବ ପ୍ରଘଟ ହେଉଥିବା ଅଭିଯୋଗ ପୂର୍ବରୁ ହୋଇସାରିଛି। ଏହାକୁ ନେଇ କମ୍ପାନି ଦୀର୍ଘ ଦିନ ଧରି କାମ କରି ଚାଲିଥିଲା। ଏଥିପାଇଁ ନିକଟରେ ଏକ ନୂଆ ଫିଚ୍ରର ସଂପର୍କରେ ସୂଚନା ଦେଇଥିଲା କମ୍ପାନି। ନୂଆ ଫିଚ୍ରର ଜରିଆରେ ଆଉ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ମନଇଚ୍ଛା ମେସେଜ୍ ପଠାଇ ପାରିବେନି ଗ୍ରାହକ ବୋଲି ସୂଚନା ରହିଥିଲା। ଫରୱାର୍ଡ ମେସେଜ୍‌କୁ ମାତ୍ର ଗୋଟାଏ ହିଁ ଗ୍ରୁପ୍‌ରେ ସେୟାର କରିହେବ ବୋଲି ଘୋଷଣା ହୋଇଥିଲା।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବାର୍ଷିକ ବ୍ୟବସାୟିକ ଯୋଜନା



ଭୁବନେଶ୍ୱର : ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)ର ବାର୍ଷିକ ବ୍ୟବସାୟିକ ଯୋଜନା ବୈଠକ ନିକଟରେ ସ୍ଥାନୀୟ ଓଜିବି ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ବରିଷ୍ଠ କର୍ମକର୍ତ୍ତାମାନଙ୍କୁ ନେଇ ଏକ ସାଧାରଣ ସଭା ଆୟୋଜନ ମଧ୍ୟ କରାଯାଇଥିଲା। ଉକ୍ତ ସଭାରେ ବ୍ୟାଙ୍କର ସମସ୍ତ ମହାପ୍ରବନ୍ଧକ, ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥିତ ସମସ୍ତ ବିଭାଗ ମୁଖ୍ୟ ଏବଂ ବ୍ୟାଙ୍କର ନଅଟି ଆଂଚଳିକ କାର୍ଯ୍ୟାଳୟର ଆଂଚଳିକ ପ୍ରବନ୍ଧକମାନେ ଯୋଗଦେଇଥିଲେ। ଉକ୍ତ ବୈଠକରେ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍ ସଭାପତିତ୍ୱ କରିଥିଲେ। ଚଳିତ ଆର୍ଥିକ ବର୍ଷ (୨୦୨୨-୨୩) ନିମନ୍ତେ ବ୍ୟାଙ୍କର ବ୍ୟବସାୟିକ ସଂପ୍ରସାରଣ ପାଇଁ ନୂତନ ପଦକ୍ଷେପମାନ ନିର୍ଦ୍ଧାରଣ କରିବା ପାଇଁ ସମସ୍ତଙ୍କର ସୁଚିନ୍ତିତ ମତାମତ ନିଆଯାଇଥିଲା। ଯେଉଁଥିରେ ମୁଖ୍ୟ ରୂପେ ଋଣ ପ୍ରଦାନ, ବ୍ୟାଙ୍କ ଜମା ବୃଦ୍ଧି ଏବଂ ଅନାଦାୟ ଋଣ ଆଦାୟ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ସର୍ବଶେଷରେ ବ୍ୟାଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମୋହନ ବିସ୍ତୃତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍ତମ ବ୍ୟବସାୟିକ ପ୍ରଦର୍ଶନ ପାଇଁ ୬ଟି ଆଂଚଳିକ କାର୍ଯ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ହକି ବିଶ୍ୱକପ୍ ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର (ୟୁପିବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଏବଂ ରାଉରକେଲାରେ ଆୟୋଜିତ ହେବାକୁ ଥିବା ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍-୨୦୨୩ର ଲୋଗୋକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ୨୦୧୮ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପରେ ଆସନ୍ତାବର୍ଷ ଓଡିଶାରେ ଲଗାତାର ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଆୟୋଜିତ ହେବ। ତେବେ ପ୍ରଥମ ଥର ପାଇଁ ଦୁଇଟି ସହରରେ ଖେଳାଯିବ। ଲୋଗୋ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଥାକୁ ଗୁରୁତ୍ୱ ଦେଇ କହିଥିଲେ ଯେ ଲଗାତାର ଦ୍ୱିତୀୟ ଥର ପାଇଁ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ର ଲୋଗୋ ଉନ୍ମୋଚନ କରି ମୁଁ ବେଶ୍ ଆନନ୍ଦିତ ଓ ଗର୍ବିତ। ଏଥର ଦୁଇଟି ସହର ଭୁବନେଶ୍ୱର ଏବଂ ରାଉରକେଲାରେ ବିଶ୍ୱକପ୍ ଆୟୋଜନ ହେବା ନେଇ ଆମେ ବେଶ୍ ଉଲ୍ଲସିତ ଅଛୁ। ୨୦୧୮ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଆମକୁ ଅନେକ ଅଭୁଲା ଓ ସ୍ମରଣୀୟ ମୁହୂର୍ତ୍ତ ପ୍ରଦାନ କରିଥିଲା। ଏବେ ବି ସେହି ମୁହୂର୍ତ୍ତସବୁ ଆମ ମନରେ ଅସୀମ ଆନନ୍ଦ ଭରିଦିଏ। ୨୦୨୩ ପୁରୁଷ ହକି ବିଶ୍ୱକପ୍ ଆହୁରି ଅଧିକ ରୋମାଞ୍ଚକ ଏବଂ ଅବିସ୍ମରଣୀୟ ହେବ ବୋଲି ମୁଁ ଦୃଢ଼ ନିଶ୍ଚିତ। ଏହି ସମ୍ମାନଜନକ ପ୍ରତିଯୋଗିତା ଦେଖିବାକୁ ଆସିବାକୁ ଥିବା ସମଗ୍ର ବିଶ୍ୱର ହକିପ୍ରେମୀ ଏବଂ ଭାଗ ନେବାକୁ ଯାଉଥିବା ଶୀର୍ଷ ସ୍ତରୀୟ ଦଳଗୁଡ଼ିକୁ ସ୍ୱାଗତ କରିବା ଲାଗି ଓଡିଶା ପୂରା ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ଭାରତୀୟ ମହିଳା ଲିଗ୍ ଫୁଟ୍‌ବଲ୍‌ର ୧୨ଜଣ ଅଧିନାୟିକାଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘର ଉପସମ୍ପାଦକ ଅଭିଷେକ ଯାଦବ ମୁଖ୍ୟମନ୍ତ୍ରୀଙ୍କୁ ଭାରତୀୟ ଫୁଟ୍‌ବଲ୍‌ର ଜର୍ସି ଉପହାର ଦେଇଥିଲେ। ଅନ୍ତର୍ଜାତୀୟ ହକି ମହାସଂଘ ସଭାପତି ନରିନ୍ଦର ବାତ୍ରା ହକିକୁ ଦେଉଥିବା ଭଲପାଇବା ଏବଂ ସମର୍ଥନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ହୃଦୟର ଗଭୀରତମ କୋଣରୁ ଧନ୍ୟବାଦ ଅର୍ପଣ କରିଥିଲେ। 'ଲୋଗୋ ଉନ୍‌ମୋଚ଼ନ ୨୦୨୩ ପୁରୁଷ ହକି ବିଶ୍ୱକପ୍‌ର ପ୍ରସ୍ତୁତି ପର୍ବରେ ଏକ ମାଇଲଖୁଣ୍ଟ।' ବୋଲି ମତ ରଖିଥିଲେ ସେ। ହକି ଇଣ୍ଡିଆ ସଭାପତି ଏନ୍ ଜ୍ଞାନେନ୍ଦ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ଲୋଗୋ ଉନ୍ମୋଚନ ଉତ୍ସବ ଅବସରରେ ବେଲୁନ୍ ଉଡାଇ ଏହି ମହତ୍ୱପୂର୍ଣ୍ଣ କ୍ଷଣକୁ ଆହୁରି ସ୍ମରଣୀୟ କରିଥିଲେ। ଏହି ଅବସରରେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡିଶା ହକି ବିକାଶ ପରିଷଦର ମୁଖ୍ୟ ଦିଲୀପ ତିର୍କି, ୫-ଟି ସଚିବ ଭି.କେ ପାଣ୍ଡିଆନ, କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଆର ଭିନିଲ କ୍ରିଷ୍ଣା ଏବଂ ଭାରତ ଓ ଜର୍ମାନୀ ହକି ଦଳର ସଦସ୍ୟଙ୍କ ସହ ରାଜ୍ୟର ବହୁ ଜଣାଶୁଣା କ୍ରୀଡାବିତ୍, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସୂଚ଼ନାଯୋଗ୍ୟ ଯେ ପୁରୁଷ ହକି ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଆସନ୍ତା ବର୍ଷ ଜାନୁଆରି ୧୩ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ।

# ଆଇପିଏଲ୍‌ରୁ ଧୋନିଙ୍କ ଆୟ ୧୬୪ କୋଟି




ନୂଆଦିଲ୍ଲୀ: ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) ୨୦୦୮ରୁ ଆରମ୍ଭ ହୋଇଥିଲା ବେଳେ ଏହି ବିତ୍ତଶାଳୀ ଲିଗ୍‌ରେ ମହେନ୍ଦ୍ର ସିଂହ ଧୋନି ସବୁଠୁ ଅଧିକ ଆୟକାରୀ ଖେଳାଳି ବନିଛନ୍ତି। ପୂର୍ବତନ ଭାରତୀୟ ତଥା ଚେନ୍ନାଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ଅଧିନାୟକ ଧୋନି ଏପର୍ଯ୍ୟନ୍ତ ସମସ୍ତ ୧୫ଟିଯାକ ସଂସ୍କରଣରେ ସାମିଲ ଥିଲାବେଳେ ତାଙ୍କ ମୋଟ ଆୟ ୧୬୪ କୋଟି ଟପିସାରିଛି। ତାଙ୍କ ପଛକୁ ପୂର୍ବତନ ଭାରତୀୟ ତଥା ରୟାଲ ଚ଼୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଅଧିନାୟକ ବିରାଟ କୋହଲି ରହିଛନ୍ତି। କେବଳ ଆଇପିଏଲ୍‌ରୁ ସର୍ବାଧିକ ୫ ଆୟକାରୀ କ୍ରିକେଟର୍‌ଙ୍କ ଉପରେ ଆସନ୍ତୁ ନଜର ପକାଇବା।

**ମହେନ୍ଦ୍ର ସିଂହ ଧୋନି:** ଧୋନି ୨୦୦୮ରୁ ଆଇପିଏଲ୍ ଖେଳି ଆସୁଥିଲା ବେଳେ ସିଏସକେ ଫ୍ରାଞ୍ଚାଇଜ୍ ପାଇଁ ଜଣେ ଦାମୀ ଖେଳାଳି ରହି ଆସିଛନ୍ତି। ସେ ସିଏସ୍ ?କେର ନିୟମିତ ସଦସ୍ୟ ରହିଥିଲା ବେଳେ ଦଳ ଦୁଇ ବର୍ଷ ବାସନ୍ଦ ସମୟରେ ରାଇଜିଂ ପୁଣେ ସୁପରଜ୍ୟାଣ୍ଟ୍‌ସ ପାଇଁ ଖେଳିଥିଲେ। ଫଳରେ ୨୦୦୮ରୁ ଏପର୍ଯ୍ୟନ୍ତ ତାଙ୍କ ଆୟ ୧୬୪ କୋଟି ୮୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏକ୍ଷେତ୍ରରେ ସର୍ବାଧିକ ତାଲିକାରେ ସେ ପ୍ରଥମ ସ୍ଥାନରେ ରହିଛନ୍ତି।

**ବିରାଟ କୋହଲି:** ତାଙ୍କ ନେତୃତ୍ୱରେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ବିଶ୍ୱ ବିଜେତା ହେବାପରେ କୋହଲି





ଆର୍‌ସିବି ଦଳରେ ସାମିଲ ହୋଇଥିଲେ। ସେବେଠୁ ସେ ଆଉ ପଛକୁ ଫେରିନାହାନ୍ତି। ଆରମ୍ଭରୁ ୧୨ ଲକ୍ଷ ଟଙ୍କାରେ ସେ ଆର୍‌ସିବିରେ ଯୋଗ ଦେଇଥିଲେ। ହେଲେ ୨୦୧୯ ପରେ ଏହି ପରିମାଣରେ ବୃଦ୍ଧି ଘଟିଥିଲା। ସେତେବେଳେ ସେ ୮.୨ କୋଟି ଟଙ୍କା ପାଇଥିଲେ। ଆର୍‌ସିବିରେ ଜଣେ ଦାମୀ ଖେଳାଳି ଭାବେ କୋହଲିଙ୍କ ଆୟ ବଢ଼ି ଚ଼ାଲିଥିଲା ଏବଂ ଏବେ ସେ ୧୫ କୋଟି ପାଉଛନ୍ତି। ଫଳରେ କେବଳ ଆଇପିଏଲ୍‌ରୁ କୋହଲିଙ୍କ ମୋଟ ଆୟ ୧୫୮ କୋଟି ୨୦ ଲକ୍ଷ ଟଙ୍କା ହୋଇଛି। ସେ ଏକ୍ଷେତ୍ରରେ ଦ୍ୱିତୀୟରେ ରହିଛନ୍ତି।

**ରୋହିତ ଶର୍ମା:** ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଡେକାନ୍ ଚ଼ାର୍ଜର୍ସ ଦଳରୁ ହିଁ ଆଇପିଏଲ୍ ଯାତ୍ରା ଆରମ୍ଭ କରିଥିଲେ। ସେ ୯ କୋଟି ଟଙ୍କାରୁ ଆୟ ଆରମ୍ଭ କରିଥିଲା ବେଳେ ଏବେ ମୁମ୍ବାଇ ଇଣ୍ଡିଆନ୍‌ସ ଅଧିନାୟକ ଭାବେ ୧୬ କୋଟି ପାଉଛନ୍ତି। ଫଳରେ ୨୦୦୮ରୁ ଏପର୍ଯ୍ୟନ୍ତ ମୋଟାମୋଟି ଭାବେ ତାଙ୍କ ଆୟ ପରିମାଣ ୧୫୨ କୋଟି ୬ ଲକ୍ଷରେ ପହଞ୍ଚିଛି। ଯାହାକି ରୋହିତ ତାଲିକାର ତୃତୀୟରେ ରହିଛନ୍ତି।

**କେଏଲ୍ ରାହୁଲ:** କେଏଲ୍ ରାହୁଲ ୨୦୧୩ରେ ହିଁ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିଲେ। ସେ ପଞ୍ଜାବ କିଙ୍ଗ୍‌ସର ନେତୃତ୍ୱ ନେବା ପରଠୁ ପ୍ରତିବର୍ଷ ତାଙ୍କ ଆୟ ପରିମାଣ ବଢ଼ି ଚ଼ାଲିଥିଲା। ଏଥର ସେ ନୂଆ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍‌ସର ଅଧିନାୟକ। ଆପଣ ବିଶ୍ୱାସ କରିପାରିବେନି ୨୦୧୩ରେ ମାତ୍ର ୧୦ ଲକ୍ଷରୁ ଆଇପିଏଲ୍ ଯାତ୍ରା ଆରମ୍ଭ କରିଥିବା ରାହୁଲଙ୍କୁ ଲକ୍ଷ୍ନୌ ଫ୍ରାଞ୍ଚାଇଜ୍ ୧୭ କୋଟି ଦେଉଛି। ତାଙ୍କ ବ୍ରାଣ୍ଡ୍ ବଢ଼ି ଚ଼ାଲିଥିଲା ବେଳେ ଆଇପିଏଲ୍‌ରୁ ମୋଟ ଆୟ ତାଙ୍କର ୬୫.୧ କୋଟିରେ ପହଞ୍ଚିଛି। ସେ ମଧ୍ୟ ପ୍ରମୁଖ ୫ ତାଲିକାରେ ଚ଼ତୁର୍ଥ ସ୍ଥାନରେ ରହିଛନ୍ତି।

**ହାର୍ଦ୍ଦିକ୍ ପାଣ୍ଡ୍ୟା:** ଉପରୋକ୍ତ ୪ ଜଣଙ୍କ ବ୍ୟତୀତ ଆଉ ଜଣେ ଭାରତୀୟ ଖେଳାଳି ଆଇପିଏଲ୍‌ରେ ସର୍ବାଧିକ ଆୟକାରୀ ତାଲିକାରେ ଚ଼ତୁର୍ଥ ସ୍ଥାନ ଅକ୍ତିଆର କରିଛନ୍ତି। ସେ ହେଲେ ପୂର୍ବତନ ମୁମ୍ବାଇ ଇଣ୍ଡିଆନ୍‌ସ ସଦସ୍ୟ ଏବଂ ଏବର ଗୁଜରାଟ ଟାଇଟନ୍‌ସ ଅଧିନାୟକ ହାର୍‌ଦିକ୍ ପାଣ୍ଡ୍ୟା। ଏହି ଭାରତୀୟ ଅଲ୍‌ରାଉଣ୍ଡର ମୁମ୍ବାଇ ଇଣ୍ଡିଆନ୍‌ସ ପାଇଁ ପ୍ରଥମ ତିନି ଋତୁ ପାଇଁ ୧୦ ଲକ୍ଷ ଲେଖାଏଁ ପାଉଥିଲେ। ଏହାର ପରବର୍ତୀ ୪ ଋତୁରେ ୧୧ କୋଟି ଲେଖାଏଁ ଆୟ କରିଥିଲେ। ହେଲେ ଚ଼ଳିତ ସଂସ୍କରଣ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଛି। ଗୁଜରାଟ ଫ୍ରାଞ୍ଚାଇଜ୍ ତାଙ୍କୁ ୧୫ କୋଟିରେ ଚୁକ୍ତିବଦ୍ଧ କରିଛି। ଏଥି ସହିତ ତାଙ୍କ ଆଇପିଏଲ୍ ମୋଟ ଆୟ ୫୯.୩ କୋଟିରେ ପହଞ୍ଚିଯାଇଛି। ସେ ତାଲିକାର ପଞ୍ଚମରେ ରହିଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ପୋଲାର୍ଡଙ୍କ ଅବସର




**ମୁମ୍ବାଇ:** ୱେଷ୍ଟଇଣ୍ଡିଜ୍ ସୀମିତ ଓଭର ଦଳର ଅଧିନାୟକ କିରଣ ପୋଲାର୍ଡ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ଘୋଷଣା କରିଛନ୍ତି ସେ। ଫଳରେ ଏହି ଅଲ୍ ?ରାଉଣ୍ଡରଙ୍କ ୧୫ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଜୀବନର ଅବସାନ ଘଟିଛି। ସଂପ୍ରତି ଭାରତରେ ରହି ମୁମ୍ବାଇ ଇଣ୍ଡିଆନ୍‌ସ ପକ୍ଷରୁ ଆଇପିଏଲ୍‌ରେ ଖେଳୁଥିବା ପୋଲାର୍ଡ ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଭିଡିଓ ବାର୍ତ୍ତା ଦ୍ୱାରା ଏହି ଘୋଷଣା କରିଥିଲେ। 'ବହୁ ବିଚ଼ାର ବିମର୍ଶ ପରେ ମୁଁ ଆଜି ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରୁଛି। ଅନ୍ୟ ଯୁବକଙ୍କ ପରି ମୋର ମଧ୍ୟ ୱେଷ୍ଟ୍‌ଇଣ୍ଡିଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ଥିଲା। ଏବେ ମୁଁ ୧୦ ବର୍ଷର ବାଳକ ଏବଂ ୧୫ ବର୍ଷ ଧରି ୱେଷ୍ଟ୍‌ଇଣ୍ଡିଜ୍ ପକ୍ଷରୁ ଉଭୟ ଟି-୨୦ ଓ ଦିନିକିଆ ଖେଳିବାର ସୁଯୋଗ ପାଇଥିବାରୁ ଗର୍ବିତ' ବୋଲି ଏହି ଭିଡିଓ ବାର୍ତ୍ତାରେ କହିଛନ୍ତି। ବିଭିନ୍ନ ସମୟରେ ଥିବା ଚ଼ୟନକର୍ତ୍ତା, ଦଳୀୟ ଅଧିକାରୀ ଏବଂ ପ୍ରଶିକ୍ଷକ ଫିଲ ସିମନ୍‌ସଙ୍କ ତତ୍ତ୍ୱାବଧାନରେ କ୍ରିକେଟ୍ ଜୀବନକୁ ଆଗକୁ ନେଇଛି। ମୋତେ ଦଳର ନେତୃତ୍ୱ ନେବାର ସୁଯୋଗ ଦେଇଥିବାରୁ ଏମାନଙ୍କ ସହ ୱେଷ୍ଟ୍‌ଇଣ୍ଡିଜ୍ କ୍ରିକେଟ୍ ବୋର୍ଡର ସଭାପତି ରିକି ସ୍କରିଟଙ୍କୁ ମୋର ଅନ୍ତରରୁ ଧନ୍ୟବାଦ' ବୋଲି ଏହି କାରବୀୟ ତାରକା କହିଛନ୍ତି। ମୋ ପିଲାଦିନର ହିରୋ ବ୍ରାଏନ୍ ଲାରାଙ୍କ ନେତୃତ୍ୱରେ ୨୦୦୭ରେ ଆନ୍ତର୍ଜାତୀୟ ପଦାର୍ପଣ କରିବା ମନେ ଅଛି। ମେରୁନ ରଙ୍ଗର ଜର୍ସି ପିନ୍ଧିବା ଏବଂ ମହାନଙ୍କ ସହ ଖେଳିବା ମୋର ଭାଗ୍ୟ। ମୁଁ କ୍ରିକେଟ୍‌ର ସବୁକ୍ଷେତ୍ର (ବ୍ୟାଟିଂ, ବୋଲିଂ, କ୍ଷେତ୍ରରକ୍ଷଣ)କୁ ହାଲ୍‌କା ଭାବେ ନେଇନି ବୋଲି ଏହି ଅବସରରେ ସେ କହିଥିଲେ। ପୋଲାର୍ଡ ୧୨୩ ଦିନିକିଆ ଖେଳି ୨୬.୦୧ ହାରାହାରି, ୩ ଶତକ ଓ ୧୩ ଅର୍ଦ୍ଧଶତକ ସହ ୨୭୦୬ ରନ୍ କରିଥିଲା ବେଳେ ୩୯.୨୯ ହାରାହାରିରେ ୫୫ ୱିକେଟ୍ ଦଖଲ କରିଥିଲେ। ସେହିପରି ୧୦୧ ଟି-୨୦ ଅନ୍ତର୍ଜାତୀୟ ଖେଳି ୧୫୬୯ ରନ୍ କରିବା ସହ ୪୨ ୱିକେଟ୍ ଅକ୍ତିଆର କରିଥିଲେ।

# ପୁନମଙ୍କ ହାତରେ ବହୁ ସିନେମା

ଓଲିଉଡର ଜଣାଶୁଣା ନାୟିକା ପୁନମଙ୍କୁ ଖୁବ୍ ଶୀଘ୍ର କେତୋଟି ଓଡିଆ ଛବିରେ ଦେଖିବାକୁ ମିଳିବ। ହଁ, ପୁନମଙ୍କ ହାତରେ ବେଶ କେତୋଟି ଓଡିଆ ଛବି ରହିଛି। ଏଥିଭିତରୁ ଗୋଟିଏ ହେଲା 'ଲଭ୍ ଇମ୍ପସିବଲ୍'। ଏହି ଚ଼ଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ। ପ୍ରଯୋଜନା ସଂସ୍ଥା ମୁନ୍ ଟିଭି ପକ୍ଷରୁ ପ୍ରସ୍ତୁତ ଏହି ସିନେମାର ନିର୍ମାଣ କରୁଛନ୍ତି ବିନି ପଟ୍ଟନାୟକ ଓ ସଚ୍ଚିକାନ୍ତ ଜେନା। ଏଥିରେ ଜଣେ ନବାଗତ ରୋହନଙ୍କ ବିପକ୍ଷରେ ନଜର ଆସିବେ ସେ। ଏଣେ ପୁନମ୍ 'ଲଭ୍ ୟୁ ଜାନୁ'ରେ ବି କାମ କରୁଛନ୍ତି। ଏଥିରେ ଆଉଜଣେ ନବାଗତ କିଶୋରଙ୍କ ସହ ରୋମାନ୍ସ କରିଛନ୍ତି। ତେଣେ ପୁନମଙ୍କ ହାତରେ ରହିଛି 'ତୁ ଚଗଲୀ ମୁଁ ଚଗଲା। ଏଥିରେ ସମ୍ବିତଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ପୁନମ୍। ଏହି ସିନେମାର ନିର୍ମାଣ କରୁଛନ୍ତି ବିନି ପଟ୍ଟନାୟକ ଓ ସଚ୍ଚିକାନ୍ତ ଜେନା। ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ବିନି ପଟ୍ଟନାୟକ। ସିଦ୍ଧାର୍ଥ ଟିଭି ପକ୍ଷରୁ ପ୍ରସ୍ତୁତ ଏକ ନାମକରଣ ହୋଇ ନଥିବା ଫିଲ୍ମରେ ଓଲିଉଡର ଲୋକପ୍ରିୟ ନାୟକ ଦୀପକଙ୍କ ସହ ପ୍ରଥମ ଥର ନଜର ଆସିବେ ପୁନମ ମିଶ୍ର। ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ଜଣାଶୁଣା ନିର୍ଦ୍ଦେଶକ ଚ଼ଣ୍ଡୀ ପରିଜା। ଏଣେ ଶ୍ରୀତମ ଦାସଙ୍କ ନିର୍ଦ୍ଦେଶିତ 'ମହାବାହୁ' ସିନେମାରେ ଆକାଶଙ୍କ ବିପକ୍ଷରେ ନଜର ଆସିବେ ପୁନମ୍। ସୂଚ଼ନାଯୋଗ୍ୟ, ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ 'ବାଇଶି ପାହାଚେ ଖେଳିବ ମୀନ' ସିନେମାରୁ ପୁନମ୍ କ୍ୟାରିଅର୍ ଆରମ୍ଭ କରିଥିଲେ। ଏଥିରେ ତାଙ୍କର ନାୟକ ଥିଲେ ନବାଗତ ଲଳିତ। ଏହାପରେ ସେ ଲଭମାଷ୍ଟର୍ ସମେତ ଅଳ୍ପ କେତୋଟି ଓଡିଆ ଛବିରେ ନଜର ଆସିଛନ୍ତି।



## 'ବାହୁବଳୀ-୨'ର ରେକର୍ଡ ଭାଙ୍ଗିଲା 'କେଜିଏଫ୍-୨'

କନ୍ନଡ ସୁପରଷ୍ଟାର୍ ୟଶ୍‌ଙ୍କ ଫିଲ୍ମ 'କେଜିଏଫ୍୨' ବକ୍ସ ଅଫିସ୍‌ରେ ହଲ୍ଲା ମଚ଼ାଇଛି। ରିଲିଜ୍ ହେବା ମାତ୍ରେ ହିଁ ଫିଲ୍ମଟି ବଡ ବଡ ବଲିଉଡ୍ ଓ ତେଲୁଗୁ ଚଳଚ୍ଚିତ୍ରକୁ ପଛରେ ପକାଇଛି। 'କେଜିଏଫ୍ ୨' ଏବେ ସୁଦ୍ଧା ବିଶ୍ୱ ସ୍ତରରେ ୫୫୦ କୋଟିର ବେପାର ପାର୍ କରି ସାରିଲାଣି। ପ୍ରଶାନ୍ତ ନିଲ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ରେକର୍ଡ ପରେ ରେକର୍ଡ ସୃଷ୍ଟି କରିଚାଲିଛି। ଏପଟେ 'କେଜିଏଫ୍-୨' ପାଇଁ ମାଡ ଖାଇଯାଇଛି ତାମିଲ୍ ଚଳଚ୍ଚିତ୍ର 'ବିଷ୍ଟ'। ପ୍ରେକ୍ଷାଳୟରେ ଦର୍ଶକ ସଂଖ୍ୟା ଏକଦମ୍ କମ୍ ରହୁଥିବାରୁ ଏହି ସୋ'କୁ କ୍ୟାନ୍‌ସଲ୍ କରାଯିବ ବୋଲି ବିଭିନ୍ନ ଥିଏଟର ପକ୍ଷରୁ ଜାଣିବାକୁ ମିଳିଛି। ୟଶଙ୍କ ଏହି ଫିଲ୍ମଟି ପ୍ରଥମ ଦିନରେ ୫୩.୯୫ କୋଟିର ବେପାର କରିଥିବା ବେଳେ ଦ୍ୱିତୀୟ ଦିନରେ ୪୬.୭୯ କୋଟିର ବେପାର କରିଥିଲା। ପଞ୍ଚମ ଦିନରେ ଏହା ୨୦୦ କୋଟିର ବେପାର କରିସାରିଛି। ଏହି ଚ଼ଳଚ୍ଚିତ୍ରଟି 'ବାହୁବଳୀ ୨'ର ରେକର୍ଡ ଭଙ୍ଗ କରିଛି। ଆପଣଙ୍କ ସୂଚ଼ନା ସକାଶେ ଜଣାଇ ଦେଉଛୁ ଯେ 'ବାହୁବଳୀ ୨' ଷଷ୍ଠ ଦିନରେ ୨୦୦ କୋଟିର ବେପାର କରିଥିଲା। ଏହି ଚଳଚ୍ଚିତ୍ରରେ ୟଶ୍‌ଙ୍କ ବ୍ୟତୀତ ସଞ୍ଜୟ ଦତ୍ତ ଓ ରବିନା ଟଣ୍ଡନ୍ ବି ନଜର ଆସିଛନ୍ତି।


# କୋରିଆନ୍ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବେ ଅନୁଷ୍କା ସେନ୍

କମ୍ ବୟସରୁ ବଡ଼ ନାଁ କମାଇଥିବା ଅଭିନେତ୍ରୀ ଅନୁଷ୍କା ସେନ୍ ଏବେ ଚର୍ଚ୍ଚାରେ ଅଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ଫଲୋୟର୍ସ ସଂଖ୍ୟା ୩୪ ମିଲିୟନ୍‌ରୁ ବି ଅଧିକ। ବର୍ତ୍ତମାନ ଅନୁଷ୍କାଙ୍କୁ ନେଇ ଏକ ବଡ ଖବର ଚର୍ଚ୍ଚାରେ ରହିଛି। କୁହାଯାଉଛି ଯେ ଏବେ ଭାରତୀୟ ସିନେମା ଛାଡ଼ି କୋରିଆନ୍ ସିନେମା ଜଗତରେ ଏଣ୍ଟ୍ରି କରିବେ ଅନୁଷ୍କା ସେନ୍। ଏବେ ଅନୁଷ୍କା କୋରିଆନ୍ ସିରିଜ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ଖୁବ୍‌ଶୀଘ୍ର କୋରିଆନ୍ ଶୋ'ରେ ନଜର ଆସିବେ। ନିକଟରେ ଏକ ଇଣ୍ଟରଭ୍ୟୁରେ ଏ ନେଇ ଖୁଲାସା କରିଛନ୍ତି ଅନୁଷ୍କା ସେନ୍। ସେ କହିଛନ୍ତି, ମୁଁ ଏକ କୋରିଆନ୍ ଏଜେନ୍ସି ସହ କାମ କରିବାକୁ ଖୁବ୍ ଉତ୍ସାହିତ ଅଛି। ମୁଁ ଏକ କୋରିଆ ୱେବ୍ ଶୋ'ରେ ଫିଲ୍ମ କରିବାକୁ ଯାଉଛି। ଏହି ବର୍ଷଟା ମୋ ପାଇଁ ପୂରା ଭିନ୍ନ ରହିବ। ଭାରତ ଓ କୋରିଆ ମଧ୍ୟରେ ଅନେକ କଣ୍ଟେଣ୍ଟ ଆଦାନ ପ୍ରଦାନ ହେଉଛି। ଆମେ ତାଙ୍କ କେ-ଡ୍ରାମା ଓ କେ-ପପ୍‌କୁ ପସନ୍ଦ କରୁଛୁ। ସେମାନେ ବି ଆମ ସିନେମା ଓ ସଂସ୍କୃତିକୁ ପସନ୍ଦ କରୁଛନ୍ତି। ଅନୁଷ୍କା କହିଛନ୍ତି, କୋରିଆରେ ବି ମୋର ଅନେକ ଫ୍ୟାନ୍ ଅଛନ୍ତି। ମୁଁ ଏହା ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ମୁଁ ମୋ ଫ୍ୟାନ୍‌ଙ୍କୁ ବହୁତ ଭଲ ପାଏ ଓ ମୁଁ ଆଜି ଯାହା ବି ଅଛି କେବଳ ସେମାନଙ୍କ ପାଇଁ ହିଁ ବୋଲି କହିଛନ୍ତି ଅନୁଷ୍କା ସେନ୍। କହିବାକୁ ଗଲେ ଅନୁଷ୍କାଙ୍କୁ ଏବେ ମାତ୍ର ୧୯ ବର୍ଷ। ସେ ଶିଶୁ କଳାକାର ଭାବେ ଅନେକ ଟିଭି ଶୋ', ଫିଲ୍ମ, ୱେବ୍ ସିରିଜ୍ ଓ ମ୍ୟୁଜିକ ଭିଡିଓରେ କାମ କରିଛନ୍ତି। ବର୍ତ୍ତମାନ ସେ ଏକ ବଡ ପ୍ରୋଜେକ୍ଟରେ କାମ କରିବା ନେଇ ବେଶ୍ ଖୁସି ଅଛନ୍ତି।



# ବିବାହ ବନ୍ଧନରେ ରଣବୀର, ଆଲିଆ

ଫ୍ୟାନ୍ସଙ୍କ ପ୍ରତୀକ୍ଷାର ଭଟିଲା ଅନ୍ତ। ସବୁ ସସ୍‌ପେନ୍ସକୁ ପଛରେ ପକାଇ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ବଲିଉଡର ଆଉ ଏକ ଲଭ୍ ବାର୍ଡ। ଅଭିନେତା ରଣବୀର କପୁର ଏବଂ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କର ପଡିଛି ହାତଗଣ୍ଠି। ଉଭୟ ଅଗ୍ନିକୁ ସାକ୍ଷୀ ରଖି ସାତ ଜନ୍ମ ପାଇଁ ସାଥୀ ହୋଇଛନ୍ତି। ଏହି ଗ୍ରାଣ୍ଡ ବିବାହର ଏକ ଝଲକ୍ ଦେଖିବା ପାଇଁ ଫ୍ୟାନ୍ସ ବେଶ୍ ଉତ୍ସାହିତ ଥିବା ବେଳେ ଏବେ ବିବାହର କିଛି ଫଟୋ ସାମ୍ନାକୁ ଆସିଛି। ବିବାହର ଏହି ଫଟୋ ଆଲିଆ ତାଙ୍କ ଇନଷ୍ଟାଗ୍ରାମ ମାଧ୍ୟମରେ ଫ୍ୟାନ୍ସଙ୍କ ସହ ସେୟାର କରିଛନ୍ତି। ବିବାହର ସମସ୍ତ ରୀତିନୀତି ସରିବା ପରେ ରଣବୀର କପୁର ଏବଂ ଆଲିଆ ଭଟ୍ଟ 'ବାସ୍ତୁ'ର ଟେରାସ୍‌କୁ ଆସିଥିଲେ। ସେଠାରେ ଉଭୟ ଫଟୋ ଶୁଟ୍ କରୁଥିବାର ନଜର ଆସିଥିଲେ। ରଣବୀର ଏବଂ ଆଲିଆଙ୍କୁ ଛାତ ଉପରେ ଦେଖି ବିବାହସ୍ଥଳ ବାହାରେ କିଛି ଦିନ ହେବ ଡେରା ପକାଇଥିବା ମିଡିଆ ମଧ୍ୟ ସେମାନଙ୍କ ଫଟୋ ଉଠାଇ ନେଇଥିଲେ। ରଣବୀର ଏବଂ ଆଲିଆଙ୍କ ଏହି ପ୍ରଥମ ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଆଲିଆ ଭଟ୍ଟ ବଧୂ ବେଶରେ ବହୁତ ସୁନ୍ଦର ଦେଖାଯାଉଥିଲେ। ଶାଶୂ ନୀତୁ କପୁର ଆଲିଆଙ୍କୁ ଦେଖି ତାଙ୍କ ନଜର ଉତାରିଥିଲେ। ଶାଶୁ ନୀତୁ କପୁର ଏବଂ ନମନ୍ଦ ରିଦ୍ଧିମା କପୁର ଶାହାନୀ ବିବାହର ଦିନକ ପୂର୍ବରୁ ମିଡିଆରେ ଆଲିଆଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କରିଥିଲେ। ନୀତୁ କପୁର ବିବାହର ତାରିଖ ନିଶ୍ଚିତ କରିଥିବା ବେଳେ ରିଦ୍ଧିମା ଆଲିଆଙ୍କୁ କଣ୍ଢେଇ ଭଳି ସୁନ୍ଦର ବୋଲି କହିଥିଲେ। ଏହା ଶୁଣିବା ପରେ ଆଲିଆଙ୍କ ଲୁକ୍ ଦେଖିବା ପାଇଁ ସମସ୍ତେ ବେଶ୍ ଉତ୍ସାହିତ ଥିଲେ।



Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91- 9437073823, E-mail: odishasanket@gmail.com

ସଂପାଦକ - ବଦ୍ରିନାରାୟଣ ମହାନ୍ତି
Editor - Badri Narayan Mohanty